# ଧାରଣାରେ ଅଧ୍ୟାପକ ଓ ଅଣଶିକ୍ଷକ; ପାଠପଢ଼ା ଠପ୍



ପୋଲସରା,୧୯ ।୮ (ସମିସ): ବିଭିନ୍ନ ଦାବି ନେଇ ରାଜ୍ୟ ବେସରକାରୀ ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ସଂଘ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଅଗଷ୍ଟ ୧୮ ରୁ ପୋଲସରା ବିଜ୍ଞାନ କଲେଜର ୩୦ଜଣ ଅଧ୍ୟାପିକା, ଅଧ୍ୟାପକ ଓ ଅଣ-ଶିକ୍ଷକ କର୍ମଚାରୀ ଧାରଣା ଦେଇଛନ୍ତି। ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀଙ୍କୁ ପୂର୍ଣ୍ଣ ଅନୁଦାନ ଦାବିରେ ସୋମବାରଠାରୁ ପାଠ ପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରୁ ନିବୃତ ରହି ଧାରଣାରେ ବସିଛନ୍ତି କର୍ମଚାରୀ। ଫଳରେ ପାଠପଢ଼ା ଓ ଅନ୍ୟାନ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇଯାଇଛି। ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଅଗଷ୍ଟ ୮ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପତ୍ର ପଠାଯିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗର ସଚିବମାନଙ୍କୁ ମଧ୍ୟ ପତ୍ର ପଠାଇ ସମସ୍ତ ଦାବି ଓ ସମସ୍ୟା ବିଷୟରେ ଅବଗତ କରିଥିଲେ ଏବଂ ଏନେଇ ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ରାସ୍ତା ବାହାରି ନଥିଲା କି କୌଣସି ଦାବି ମଧ୍ୟ ପୂରଣ ହୋଇନଥିଲା। ଫଳରେ ଅଗଷ୍ଟ ୧୮ ରୁ ୪୮୮ ଓ ୬୬୨ ବର୍ଗର +୨ ଓ +୩ ଶ୍ରେଣୀର ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କଲେଜ ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ କୁମାର ନାୟକଙ୍କ ସହ ଯୋଗାଯୋଗ ବେଳେ ଅଧ୍ୟାପକ ଓ ଅଣ - ଶିକ୍ଷକ ସଂଘ ତରଫରୁ ପୂର୍ବରୁ ସୂଚନା ଦେଇ ଏବଂ ଦାବିପତ୍ର ଦେଇଥିଲେ। ଉକ୍ତ ପତ୍ରକୁ ଉଚ୍ଚ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସୂଚନା ଦେଇଛନ୍ତି।

### ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳୁଛି ଶିକ୍ଷା ବିଭାଗ

# ବିପଦପୂର୍ଣ୍ଣ କୋଠାରେ ଚାଲିଛି ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ

କୁକୁଡ଼ାଖଣ୍ଡି,୧୯ ।୮ (ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଛି ଅନିୟମିତତା। ସ୍ଥିତି ଏପରି ହୋଇଛି ଯେ, ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପାଠ ପଢିବାକୁ ସ୍କୁଲକୁ ଛାଡ଼ିବାକୁ ନିରାପଦ ମଣୁନାହାନ୍ତି। ନିମଖଣ୍ଡି ପଞ୍ଚାୟତରେ ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଅଛି। ଏହି ସ୍କୁଲରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୮୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ଏହି ବିଦ୍ୟାଳୟ ବହୁ ପୁରୁଣା ହୋଇଥିବାରୁ ସ୍କୁଲ କୋଠା ସହ ଶ୍ରେଣୀ ଗୃହ ଗୁଡିକ ଭାଙ୍ଗି ନଷ୍ଟ



ହୋଇଗଲାଣି। ଏହାସହ ସ୍କୁଲକୁ ଲାଗି କେନାଲ ଥିବାରୁ ବର୍ଷା ହେଲେ ସ୍କୁଲ ଭିତରକୁ ପାଣି ପଶି ଲହଡ଼ି ମାରୁଛି। ଯାହାଦ୍ୱାରା ପିଲାଙ୍କ ଯିବା ଆସିବାରେ ଅସୁବିଧା ହେଉଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ବାରମ୍ବାର ସରପଞ୍ଚ ଓ ପଞ୍ଚାୟତ ପିଇଓଙ୍କୁ ଅଭିଯୋଗ ସହ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁନାହିଁ। ବିପଦସଂକୁଳ ଘରେ ପାଠପଢ଼ା ଚାଲିଥିବାବେଳେ କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। ତେଣୁ ଅଭିଭାବକମାନେ ସ୍କୁଲକୁ ନିଜ ନିଜର ପିଲାଙ୍କୁ ପଠାଇବାକୁ କୁଣ୍ଠାବୋଧ କରୁଛନ୍ତି। ଏପରିକି ସ୍କୁଲ ପକ୍ଷରୁ ସରପଞ୍ଚଙ୍କୁ ଚିଠି କରି ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ପୁଣି ଏକ ବର୍ଷ ପରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆଉ ଏକ ପତ୍ର ଲେଖି ସ୍ଥାନୀୟ ସରପଞ୍ଚ ଓ କୁକୁଡାଖଣ୍ଡି ବିଇଓ ସନ୍ତୋଷ କୁମାର ମହାପାତ୍ରଙ୍କୁ ଜଣାଇଛନ୍ତି। ବାରମ୍ବାର ପିଇଓଙ୍କୁ ଏହି ସମ୍ପର୍କରେ ଅବଗତ କଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଅଭିଭାବକ ଓ ଅଞ୍ଚଳବାସୀ। ନଚେତ୍ କୋ÷ଣସି ଅଘଟଣ ଘଟିଲେ ଉଚ୍ଚ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

# ଭଞ୍ଜନଗର ଏନ୍‌ଏସି ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଭଞ୍ଜନଗର,୧୯ ।୮ (ସମିସ): ଭଞ୍ଜନଗର ଏନ୍‌ଏସି ଆସନ୍ତା ୩୧ରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ କରିବ। ଚଳିତ ବର୍ଷ ଏନ୍‌ଏସି ପକ୍ଷରୁ ବଡ଼ ଧରଣର ଉତ୍ସବ ଆୟୋଜନ କରାଯାଇଛି। ତେଣୁ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଚାଲିଛି। ସେହିଭଳି ୧୬ରୁ ୧୮ ପର୍ଯ୍ୟନ୍ତ ତିନିଦିନ ଧରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଜେଲ ପଡ଼ିଆରେ ଚାଲିଥିଲା। ସୋମବାର ଫାଇନାଲ୍ ମ୍ୟାଚ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟାପକ, କର୍ମଚାରୀ ସଂଘ ଏବଂ ବିପଦର ବନ୍ଧୁ ଟିମ୍ ମଧ୍ୟରେ ହୋଇଥିଲା। ବିପଦର ବନ୍ଧୁ ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ଟାଇଟଲ୍ ହାତେଇଛି। ଟୁର୍ଣ୍ଣାମେଣ୍ଟରେ ଭଞ୍ଜନଗର ପ୍ରେସ କ୍ଲବ, ବଣିକ ସଂଘ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଏନଏସି କର୍ମଚାରୀ ସଂଘ ସମେତ କେଏସ୍‌ୟୁବି କଲେଜ ଓ ବିପଦର ବନ୍ଧୁ, ଭଞ୍ଜନଗର ବାର ଆସୋସିଏସନ, ରୋଟାରୀ କ୍ଲବ ମଧ୍ୟ ଭାଗ ନେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ଦିବସରେ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଶୂଳପାଣି ଶତପଥି, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, ପୂର୍ବତନ ଅଧ୍ୟକ୍ଷା ସୁନିତା ଦଳବେହେରା, ପୂର୍ବତନ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦକ୍ଷୀଣ ଘୁମୁସର ବନଖଣ୍ଡ ଅଧିକାରୀ ବିପଶା ପାରୁଲ, ବନ୍ୟପ୍ରାଣୀ ପ୍ରେମୀ ସଭ୍ୟ ରମେଶ ପାତ୍ର, ପୂର୍ବତନ କାଉନସିଲର ଶାନ୍ତିଲତା ପାତ୍ର ଉପସ୍ଥିତ ଥିଲେ। ସେହିପରି ଡି. ଚେଲପତି ରାଓ, ବାର ଆସୋସିଏସନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ତିଆଡି, ଏନ୍‌ଏସି ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଜେଲ୍ ଗଲା ଏନ୍‌କାଉଣ୍ଟରରେ ଆହତ ସୁନୀଲ

ବ୍ରହ୍ମପୁର,୧୯।୮ (ସମିସ): ହତ୍ୟା, ଲୁଟ, ଦାଦାବଟି, ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଭଳି ୨୦ଟି ଅପରାଧୀକ ମାମଲାରେ ସମ୍ପୃକ୍ତ ରହି ଦୀର୍ଘଦିନ ଧରି ଫେରାର ଥିବା କବିସୂର୍ଯ୍ୟନଗର ଆଇବି ରୋଡ଼ର ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲ ନାହକ ଓରଫ ମଲ୍ଲକୁ ଗତ ୨ତାରିଖରେ



ଗୋଳନ୍ଥରା ପୁଲିସ ଏନ୍‌କାଉଣ୍ଟର କରିଥିଲା। ଆହତ ସୁନୀଲକୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲଏ। ସେତେବେଳେ ପୁଲିସ ସୁନିଲଙ୍କ ଠାରୁ ୨୧ ହଜାର ଟଙ୍କା, ଗୋଟିଏ ବନ୍ଧୁକ, ୩ଟି ଗୁଳି ଜବତ କରିଥିଲା। ମଙ୍ଗଳବାର ସୁନିଲ ମେଡ଼ିକାଲରୁ ଡିସ୍‌ଚାର୍ଜ ହେବା ପରେ ଗୋଳନ୍ଥରା ଥାନା ପୁଲିସ ସଙ୍ଗୀନ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ତଥା ଡ଼ିଏସପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ପୁଲିସ ସ୍କାନରରେ ଜଙ୍ଗଲ କିଙ୍ଗ୍ କୁନା

ଗତ ଜୁଲାଇ ୨୨ରେ ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦବିହାର ୮ମ ଲାଇନରେ ଶୁଭଶ୍ରୀ ଜେନା ନାମ୍ନୀ ଜଣେ ମହିଳାଙ୍କୁ ଗୁଳି କରି ସେ ପିନ୍ଧିଥିବା ୨ଭରିର ସୁନା ଚେନ ଲୁଟ୍ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ପି ଡ଼ା.ସର୍ବଣା ବିବେକ ଏମ. ତିନୋଟି ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସୁନୀଲ ନାହକ ବୋଲି ପୁଲିସ ଜାଣିବାକୁ ପାଇଥିଲା। କୁଖ୍ୟାତ ଅପରାଧୀ କୁନା ବେହେରା ଓ ସୁନିଲ ଏକ ପଲ୍‌ସରରେ ବ୍ରହ୍ମପୁର ପଟରୁ ଜାତୀୟ ରାଜପଥ ୧୬ରେ ଗିରିସୋଲା ଆଡକୁ ଯାଇଥିବା ପୁଲିସକୁ ଖବର ମିଳିଥିଲା। ପରେ ସୁନିଲ ପିତାତଳି ରୋଡ଼ ଦେଇ ଯାଇଥିବା ପୁଲିସ ଖବର ପାଇବା ପରେ ଡ଼ିଏସପି ତଥା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ତାକୁ କାବୁ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ସୁନୀଲ ପୁଲିସ ଉପରକୁ ଗୁଳି କରିଥିଲା। ଯାହା ପୁଲିସ ଗାଡ଼ିରେ ବାଜିଥିଲା। ପରେ ପାଲଟା ଆକ୍ରମଣରେ ସୁନୀଲ ବାମ ଗୋଡ଼କୁ ଗୁଳି ବାଜିଥିଲା। କୁନା ବେହେରା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପଚରାଉଚରା ବେଳେ ୩ରୁ ୪ ମାସ ହେବ ସୁନିଲ ଓ କୁନା ଉଭୟେ ସ୍ଥାନୀୟ ଅଞ୍ଚଳରେ ଦାଦାବଟି ଆଦାୟ ଏବଂ ଡକାୟତି ମାମଲାରେ ଜଡିତ ଥିବା ଜଣାପଡ଼ିଥିଲା।

## ମୃତ ଛାତ୍ରୀଙ୍କ ପରିବାରକୁ ସହାୟତା

ଛତ୍ରପୁର,୧୯ ।୮ (ସମିସ): ସୋମବାର ଛତ୍ରପୁର ଜାତୀୟ ରାଜପଥ ଡିଆରଡିଏ ଛକ ନିକଟରେ ଟ୍ରକ୍ ଦୁର୍ଘଟଣାରେ ଜଣେ ନାବାଳିକା ଛାତ୍ରୀର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଦୁଇ ଭାଇ ଅଳ୍ପକେ ବର୍ତ୍ତିଥିଲେ। ମୃତ ଛାତ୍ରୀ ଜଣକ ହେଲେ କାଳିଆବାଲିର ଅବସରପ୍ରାପ୍ତ ସେନା କର୍ମଚାରୀ ଏସ୍.ଦେବରାଜ ରେ‡ଙ୍କ ଝିଅ ଏସ୍. ସ୍ମୃତି ରେ‡(୧୫)। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୂଚନା ମୁତାବକ ଦେବରାଜ ନିଜ ସ୍କୁଟି ଯୋଗେ ଦୁଇ ପୁଅ ଓ ଝିଅକୁ ବସାଇ କାଳିଆବାଲିରୁ ଛତ୍ରପୁରକୁ ଟ୍ୟୁସନରେ ଛାଡିବାକୁ ଆସୁଥିଲେ। ଛତ୍ରପୁର ଜାତୀୟରାଜପଥ ଡିଆରଡିଏ ଛକରୁ ଛତ୍ରପୁର ଅଭିମୁଖେ ବୁଲିବା ସମୟରେ ଏକ ଗାଡି ତାଙ୍କୁ ଅତିକ୍ରମ କରିଥିବାରୁ ସ୍କୁଟି ଚାଳକ ଭାରସ୍ୟାମ ହରାଇ ରାଜପଥରେ ପଡ଼ିଯାଇଥିଲେ। ସେହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ ଚକତଳେ ଝିଅ ସ୍ମୃତି ପଡିଯାଇଥିବାବେଳେ ଅନ୍ୟମାନେ ରାସ୍ତାରେ ଛିଟିକି ପଡିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସ୍ମୃତିକୁ ମୃତ ଘୋଷଣା କରିଥିଲେ।

## ୪୫୦ ଗ୍ରାମ ଅଫିମ ଜବତ; ଜଣେ ଗିରଫ

ଖଲ୍ଲିକୋଟ,୧୯ ।୮ (ସମିସ): ଖଲ୍ଲିକୋଟ ଅବକାରୀ ବିଭାଗ ଚଢ଼ଉ କରି ୪୫୦ ଗ୍ରାମ ଅଫିମ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗଞ୍ଜାମ ଜିଲ୍ଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶିଙ୍କ ତତ୍ତ୍ୱାବଧାନରେ ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନଙ୍କ ନେତୃତ୍ୱରେ ଥାନା ଏଏସ୍‌ଆଇ ଇପିଲି ଲକ୍ଷ୍ମଣ ରାଓ ଅବକାରୀ ଟିମ ସହ ବେଗୁନିଆପଡ଼ା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବେଗୁନିଆପଡ଼ା ବ୍ଲକ ଛକ ନିକଟରେ ଚଢ଼ଉ କରି ୪୫୦ ଗ୍ରାମ ଅଫିମ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲେ। ଗିରଫ ବ୍ୟକ୍ତି ଜଣଙ୍କ ବେଗୁନିଆପଡ଼ା ସାନ ସାହିର ବି. ଲିଙ୍ଗରାଜ ପାତ୍ର (୬୦)। ଜବତ ଅଫିମର ଆନୁମାନିକ ମୂଲ୍ୟ ପ୍ରାୟ ୪୫ ହଜାର ଟଙ୍କା ହେବ ବୋଲି ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି।

## ପୋଖରୀରେ ପଶିଲା ଟ୍ରାକ୍ଟର; ଡ୍ରାଇଭର ମୃତ

ଆସିକା,୧୯ ।୮ (ସମିସ): କୋଦିନଡ଼ା ଥାନା ଅନ୍ତର୍ଗତ ଭେଙ୍କେଟ ରାଇପୋଲି ଶୁଣ୍ଡିବନ୍ଧ ନିକଟରେ ମଙ୍ଗଳବାର ପୋଖରୀ ଭିତରେ ଟ୍ରାକ୍ଟର ପଶିଯିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ମନୋଜ ନାୟକ(୪୦)। ସେ ଖାଲି ଟ୍ରାକ୍ଟର ଧରି ନୂଆପଲ୍ଲୀରୁ ହରିଡ଼ା ପଦର ଯାଉଥିବା ବେଳେ ଭେଙ୍କେଟ ରାଇପୋଲି ଗାଁ ନିକଟରେ ଥିବା ପୋଖରୀ ଭିତରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ପଶି ଯାଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବଣିକ ସଂଘର ବାର୍ଷିକ ଅଧିବେଶନ



ଶେରଗଡ଼,୧୯ ।୮ (ସମିସ): ଶେରଗଡ ବଣିକ ସଂଘର ବାର୍ଷିକ ଅଧିବେଶନ ଶେରଗଡ଼ ସ୍ଥିତ କଳିଙ୍ଗ ବୈଶ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକକୁ ସଂଘର ଉପଦେଷ୍ଟା ପି.ଶିବ ନାରାୟଣ ପାତ୍ର ଏବଂ ସଭାପତି ଆରମ୍ଭ କରିଥିଲେ। ସଂଘର ସଦସ୍ୟ ସନ୍ତୋଷ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ନିଜସ୍ୱ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପୁଣି ଥରେ କୈଳାସ ଚନ୍ଦ୍ର ସାହୁ, ଉପସଭାପତି ଭାବେ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଚୟନ ହୋଇଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶେରଗଡ ବ୍ଲକରେ ଦଶମ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଘା ବେହେରା, ବି.ସାଇସ୍ମିତା ରାଓ, ସତ୍ୟ ନାରାୟଣ ଦାସଙ୍କୁ ସଂଘର ସଭାପତି ଏବଂ ଉପଦେଷ୍ଟା ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ଗଞ୍ଜାମ/ହୁମ୍ମା,୧୯ ।୮ (ସମିସ): ଗଞ୍ଜାମ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ହୁମା ଫାଣ୍ଡି ନିକଟସ୍ଥ ୧୬ ନମ୍ବର୍ ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ହୁମ୍ମା ଗ୍ରାମ କେଉଟସାହିର କେ. ରାଜେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ କେ. ମାଳତୀ ପ୍ରଧାନ (୩୨)। ଗୁରୁତର ମହିଳା ଜଣଙ୍କ ହେଲେ କେ. ଶଙ୍କର ପ୍ରଧାନଙ୍କ ସ୍ତ୍ରୀ ବି. ଯମୁନା (୩୩)। ଉଭୟ ମହିଳା ଧାନ ରୋଇବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏତିକିବେଳେ କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ପଛପଟୁ ଧକ୍କା ଦେଇ ଯମୁନାଙ୍କ ଉପରେ ଚଢ଼ି ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ମାଳତୀଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଯମୁନାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଗଞ୍ଜେଇ ସହ ବାଇକ୍ ଜବତ; ଜଣେ ଗିରଫ

ବୁଗୁଡ଼ା,୧୯ ।୮ (ସମିସ): ସ୍ଥାନୀୟ ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଜଗତପାଟଣା ଗ୍ରାମର ରାଜେଶ ନାଇକ।

ଏନେଇ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଆଜି ଦିନବେଳା ରାଜେଶ ବାଇକରେ ଗଞ୍ଜେଇ ଧରି ବୁଦ୍ଧଖୋଲ ପଟରୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ବାଘୁଆ ବ୍ରିଜ୍‌ଠାରେ ଚଢ଼ଉ କରି ବାଇକ୍ ସହ ୫ କିଲୋ ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏଥି ସହିତ ରାଜେଶକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା।

## ଗଞ୍ଜାମ ପୁଲିସର ଅପରେସନ ଅନ୍ୱେଷଣ

## ପ୍ରଥମ ଦିନରେ ୨୦ ଜଣ ଉଦ୍ଧାର

ଛତ୍ରପୁର,୧୯ ।୮ (ସମିସ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଚଳିତ ମାସ ୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଅପେରସନ ଗରୁଡ଼ରେ ଗଞ୍ଜାମ ପୁଲିସ ଜିଲ୍ଲା ଭଲ କାର୍ଯ୍ୟ କରିଥିଲା। ପୁଣି ଜିଲ୍ଲାରେ ଆରମ୍ଭ ହୋଇଛି ଅପେରସନ ଅନ୍ୱେଷଣ। ଏହି ଅପରେସନରେ ନିଖୋଜ ଶିଶୁ ଓ ମହିଳା ମାନଙ୍କୁ ଉଦ୍ଧାର କରାଯିବ। ଏହି ଅବସରରେ ପ୍ରଥମ ଦିବସରେ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏହି ଅପରେସନରେ ୨୦ ଜଣକୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ୭ ଜଣ ନାବାଳକ/ନାବାଳିକା ରହିଥିବା ବେଳେ ୧୩ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଏହି ଅପେରସନ ଅନ୍ୱେଷଣ ଏକ ସପ୍ତାହ ଚାଲିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଖଲ୍ଲିକୋଟ ପୁଲିସ, ଚମାଖଣ୍ଡି, ପୁରୁଷୋତ୍ତମପୁର, ବେଗୁନିଆପଡା, କବିସୂର୍ଯ୍ୟନଗର ,ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ତାରସିଂ, ବୁଗୁଡା, ବେଲଗାଁ ଓ ପାଟପୁର ପୁଲିସ ଜଣେ ଲେଖାଏଁ ନିଖୋଜକୁ ଉଦ୍ଧାର କରିଥିବା ବେଳେ ଭଞ୍ଜନଗର ପୁଲିସ ୪ଜଣଙ୍କୁ ଗାଙ୍ଗପୁର ପୁଲିସ ୨ ଜଣଙ୍କୁ ଓ ହିଞ୍ଜିଳି ପୁଲିସ ୩ ଜଣକୁ ଉଦ୍ଧାର କରିଥିବା ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ




ବୁଗୁଡା,୧୯ ।୮ (ସମିସ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ବୁଗୁଡା ଅଞ୍ଚଳର ପିପୁଲ୍ସ କଲେଜ ଓ ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ୧୯ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଗତ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଛନ୍ତି ଏବଂ ସେମାନଙ୍କୁ ସରକାରୀ ଅନୁଦାନରୁ ବଞ୍ଚିତ ନକରିବାକୁ ଦାବି କରିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିଜ ନିଜର କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବା ସହ ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଛନ୍ତି।

# ଲଗାଣ ବର୍ଷାରେ ଧାନଜମି ଜଳାର୍ଣ୍ଣବ

କୋଦଳା,୧୯ ।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବେଗୁନିଆପଡା ବ୍ଲକର ଶହ ଶହ ହେକ୍ଟର ଧାନ ଚାଷ ପ୍ରଭାବିତ ହୋଇଛି। ଏହି ବ୍ଲକରେ ପ୍ରବଳ ବର୍ଷା ହୋଇଥିବା ବେଳେ ଆଗକୁ ବୃଷ୍ଟିପାତର ପରିମାଣ ବଢିଲେ ଅବସ୍ଥା ବେହାଲ ହେବା ଆଶଙ୍କା କରାଯାଉଛି। ସମସ୍ତ ଖାଲୁଆ ଜମିରେ ପାଣି ଭର୍ତ୍ତି ହେବା ସହ ଧାନଗଛ ବୁଡି ରହିଛି। ଖାଲି ସେତିକି ନୁହେଁ ଅନେକ ଧାନ ଜମିରେ ଧାନ ରୁଆ ହୋଇନଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଏହି ବ୍ଲକର କୁମ୍ଭାର ଗାଁ, ଶାଙ୍କୁଡା, ତାଳସର, ଅଙ୍ଗରଗାଁ,ଷଣ୍ଢମୂଳ, ବଡ ଖଇରଖମା, ସୁମଣ୍ଡଳ, ବୁରୁଝରି, ଏସ ଛଛିନା ,ଚନ୍ଦନପୁର, ଚିଙ୍ଗୁଡ଼ିଖୋଲ, କେ.ବରିଡା, ବେଗୁନିଆପଡା, ଖଣ୍ଡିଆନଇ, ମର୍ଦ୍ଦକୋଟ, ମର୍ଦ୍ଦମେଖ, ଫାଶୀ,



ଦିଗାପଡ଼ା, କାଳିମେଘୀ, ଏସ୍.ଉସ୍ତାପଡା, ବେରୁହାଁବାଡ଼ି, ମଠ ସରସିଂ, ଘୋଡାପଡା, ପଂଚାୟତର ସମସ୍ତ ଗ୍ରାମ ସମେତ କୋଦଳା ଏନ୍‌ଏସିର ବିଭିନ୍ନ ଚାଷଜମି ଜଳମଗ୍ନ ହୋଇଛି। ବର୍ଷାରେ ୬ହଜାର ହେକ୍ଟରରୁ ଅଧିକ ଧାନ ଫସଲ ପାଣିରେ ବୁଡି ରହିଛି। ଏପରିକି ନଦୀ ପାର୍ଶ୍ୱର୍ରେ ଥିବା ସମସ୍ତ ଧାନ ଜମି ଉପରେ ପାଣି ସୁଅ ଛୁଟୁଛି। ଧାନ ତଳି ପକାଇଥିବା ଚାଷୀ ଓ ଧାନ ତଳି ସଦ୍ୟ ରୋଇଥିବା ଚାଷୀ ଚିନ୍ତାରେ। କେ.ବରିଡା ପଟ୍ଟାଶଙ୍ଖ ପାଶ୍ୱର୍ ଜମି ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ଦ୍ୱାରାଶୁଣୀ ନିକଟସ୍ଥ ପୋଲ ଉପରେ ପାଣି ଚାଲିଥିବା ବେଳେ ତାଳସରକୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବେଗୁନିଆପଡ଼ା ବ୍ଲକ ଓ କୋଦଳା ଏନଏସି ଚାଷୀଙ୍କର ସମସ୍ତ ଧାନ ଜମି ଯେଉଁ ଗୁଡିକ ଖାଲୁଆ ସ୍ଥାନରେ ଅଛି ସେଗୁଡିକ ଜଳରେ ବୁଡି ରହିଛି। ଦୁଇ ଥର ଲଘୁଚାପ ବର୍ଷାରେ ଚାଷୀ ରୋଇବା ପୂର୍ବରୁ ହଇରାଣ ହୋଇଥିବା ବେଳେ ବର୍ତ୍ତମାନ ଲଗାଣ ବର୍ଷା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି। ଅପର ପକ୍ଷରେ ବେଗୁନିଆପଡା ବ୍ଲକ ଓ କୋଦଳା ଅଞ୍ଚଳରେ ସାରର ଘୋର ଅଭାବ ଦେଖାଯାଇଥିବା ବେଳେ ଚାଷୀ ଚିନ୍ତାରେ ଅଛନ୍ତି। କେତେକ ସ୍ଥାନରେ ସାର ଚଢ଼ା ଦରରେ ବିକ୍ରି ଅଭିଯୋଗ ହେଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଘରେ ପଶି ମହିଳାଙ୍କୁ ଅସଦାଚରଣ; ୩ ଗିରଫ



ବ୍ରହ୍ମପୁର,୧୯ ।୮ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ କାଲୁପାତ୍ର ସାହିରେ ଜଣେ ମହିଳାଙ୍କୁ ଅସଦାରଣ ଅଭିଯୋଗରେ ପୁଲିସ

**ନିର୍ଘୁମ୍ ପିଟିଲେ ସ୍ଥାନୀୟ ଲୋକେ**

୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୩ ଜଣ ହେଲେ ପାଣ୍ଡବ ନଗରର ଗୋପାଳ କହ୍ନେଇ(୩୦), ପୁରୁଷୋତ୍ତମପୁର ପାଣ୍ଡରଖୋଲି ଗ୍ରାମର ହୀନ ବେହେରା(୩୦) ଓ ତ୍ରିନାଥ ବେହେରା (୨୬) । ୧୮ ତାରିଖ ରାତିରେ କିଛି ଯୁବକ ଜଣେ ମହିଳାଙ୍କ ଘର କବାଟ ଭାଙ୍ଗି ପଶିବା ସହ ଶୋଇଥିବା ମହିଳାଙ୍କୁ ଅସଦାରଣ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେମାନେ ଦୌଡ଼ି ପଳାଇଥିଲେ । କିନ୍ତୁ ଜଣେ ମୋବାଇଲ ଛାଡ଼ି ପଳାଇଥିଲା। ମୋବାଇଲ ନେବାକୁ ଆଜି ସକାଳେ ମହିଳାଙ୍କ ଘରକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ଦୁଇ ଯୁବକକୁ କାବୁ କରି ଦଉଡ଼ିରେ ହାତ ବାନ୍ଧି ନିର୍ଘୁମ୍ ମାଡ଼ ମାରି ପୁଲିସରେ ଜିମା ଦେଇଥିଲେ। ପୁଲିସ ତଦନ୍ତ କରି ଆଉ ଜଣେ ଯୁବକକୁ ଗିରଫ କରିଥିଲା। ଆଜି ସନ୍ଧ୍ୟାରେ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି ।

# ଟଙ୍କା ଓ ମୋବାଇଲ ଲୁଟ୍ ମାମଲାରେ ୪ ଗିରଫ

ବ୍ରହ୍ମପୁର,୧୯ ।୮ (ସମିସ): ରାସ୍ତାରେ ଅଟକାଇ ୨ ଜଣଙ୍କ ଠାରୁ ଭିନ୍ନ ଭିନ୍ନ ସମୟରେ ମୋବାଇଲ ଓ ଟଙ୍କା ଲୁଟ୍ କରିଥିବା ୪ ଅଭିଯୁକ୍ତଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଗଦଲପୁର ଇନ୍ଦିରାଆବାସ ସାହିର ଦୀପକ ଦାସ(୨୧), ପିଣ୍ଟୁ ଦାସ(୩୦), ମେଘା ଦାସ(୨୨) ଓ ସୁଦାମ ଦାସ(୨୫) । ସୂଚନାଯୋଗ୍ୟ ଯେ ଆଙ୍କୁଶପୁରର ନନ୍ଦନ ବେହେରା ଓ ତାଙ୍କ ସାଙ୍ଗ ଅଭିଷେକ ପାଣିଗ୍ରାହୀ ଗତ ୧୨ ତାରିଖ ଦିନ କାମ ସାରି ଘରକୁ ଫେରୁଥିବା ବେଳେ ଜଗଦଲପୁର ଗ୍ରାମ ନିକଟରେ ୩୦ ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏପରିକି ସେମାନଙ୍କ ମୋବାଇଲ ଓ ୧୭ ଶହ ଟଙ୍କା ଲୁଟି ନେଇଥିଲେ । ପରେ ନନ୍ଦନ ୧୧୨କୁ ଫୋନ କରିବାରୁ ପୁଲିସ ପହଞ୍ଚି



ତଦନ୍ତ କରିଥିଲା। ନଂ.୨୫୧/୨୫ରେ ଏକ ମାମଲା ରୁଜୁ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫଙ୍କ ଠାରୁ ମୋବାଇଲ ଓ ନଗଦ ୧୩ ଶହ ଟଙ୍କା ଜବତ କରିଛି । ପ୍ରକାଶ ଥାଉ କି ଉପରୋକ୍ତ ଅଭିଯୁକ୍ତ ୨୫୦/୨୫ ମାମଲାରେ ସମ୍ପୃକ୍ତ ଥିବା ପୁଲିସ କହିଛି ।

**ରାସ୍ତା କଡ଼ରେ ଛେଳି କାଟିବା ଉପରେ ବିଏମ୍‌ସିର କଟକଣା**

# ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ଉ; ୩ ଦୋକାନ ସିଲ୍

ବ୍ରହ୍ମପୁର,୧୯ ।୮ (ସମିସ):

ଉଠାଦୋକାନୀଙ୍କ ପରେ ଏବେ ବିଇଏମ୍‌ସିର ନଜର ରାସ୍ତାକଡ଼ ମଟନ ଦୋକାନ ଉପରେ। ଏଣିକି ଆଉ ରାସ୍ତାକଡ଼ରେ କିମ୍ବା ସର୍ବସମ୍ମୁଖରେ ଛେଳି କଟାଯିବ ନାହିଁ। ଏଥିପାଇଁ ବିଇଏମ୍‌ସି ପକ୍ଷରୁ କେବଳ କଟକଣା ଜାରି କରାଯାଇନାହିଁ ବରଂ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି। ଜବରଦଖଲ ଯୋଗୁ ସହରରେ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡିଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ବିଇଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡକୁ ଅଧିକ କ୍ଷମତା ଦିଆଯିବା ସହ କ୍ରିୟାଶୀଳ କରାଯାଇଛି। ସମଗ୍ର ସହରକୁ ୩ଟି ଜୋନରେ ବିଭକ୍ତ କରାଯାଇ ୩ଟି ଟିମ୍‌କୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ଉଠାଦୋକାନୀଙ୍କୁ ହଟାଯାଉଥିବା ବେଳେ ବର୍ତ୍ତମାନ ସହରବାସୀଙ୍କ ତଥା ବୁଦ୍ଧିଜୀବୀଙ୍କ ଅନୁରୋଧ ରକ୍ଷା କରି ବିଇଏମ୍‌ସି ପକ୍ଷରୁ ନିଆରା ପଦକ୍ଷେପ ହାତକୁ ନିଆଯାଇଛି। ଦିନକୁ ଦିନ ରାସ୍ତାକଡ଼ରେ ଏପରିକି ବଜାରରେ ସେ ପୁଣି ସର୍ବସମ୍ମୁଖରେ ଛେଳି ଓ ମେଣ୍ଢା ଏପରିକି କୁକୁଡାଙ୍କୁ ହତ୍ୟା କରାଯାଉଛି। ଖାସ୍ କରି ଲୋକଙ୍କ ମାନସିକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଗ୍ରାହକଙ୍କ ସମ୍ମୁଖରେ






ଛେଳି ଗୁଡ଼ିକୁ ନିର୍ମମ ଭାବେ କାଟୁଛନ୍ତି। ଯାହା ବଜାରକୁ ଯାଉଥିବା ଅଥବା ଉକ୍ତ ରାସ୍ତା ଦେଇ ଯାଉଥିବା କୋମଳମତି ଛାତ୍ରଛାତ୍ରୀ ଏବଂ ହୃଦ୍‌ରୋଗୀଙ୍କ ମାନସିକ ସ୍ତରରେ ମଧ୍ୟ ସିଧାସଳଖ ପ୍ରଭାବ ପକାଉଛି। ଚିକେନ ଓ ମଟନ ଆହାର ମନୁଷ୍ୟ ପାଇଁ ଯେତିକି ଆବଶ୍ୟକ ଏକ୍ଷେତ୍ରରେ ନିତିନିୟମ ଅନୁପାଳନ ସେତିକି ଜରୁରୀ। ସେଥିପାଇଁ ସହରାଞ୍ଚଳ ଗୁଡିକରେ ପୌରପାଳିକା ବା ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର କଂସେଇଖାନା ପ୍ରତିଷ୍ଠା କରାଯାଇଥାଏ। ତେବେ ଏଥିପାଇଁ ସରକାରୀ ସ୍ତରରେ ଜାରି ହୋଇଥିବା ମାର୍ଗଦର୍ଶିକାକୁ ଅନେକ ସ୍ଥାନରେ ଖିଲାପ କରାଯାଉଥିବା ଦେଖିବାକୁ ମିଳୁଛି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ଥାନୀୟ ଆସ୍କାରୋଡରେ ସ୍ୱତନ୍ତ୍ର

**କମିଶନରଙ୍କ ନିର୍ଦ୍ଦେଶ କ୍ରମେ ନିଆଗଲା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ**

**କଂସେଇଖାନା ହେବ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ; ଏବେ 'ମଟନ୍' ଆଗକୁ 'ଚିକେନ୍' ସପ୍**

**ପ୍ରଥମ ଦିନରେ ଜୋନ-୧ରେ ହେଲା ଚଢ଼ଉ**

କଂସେଇଖାନା ବା ସ୍ଲଟର ହାଉସ ରହିଛି। ଯେଉଁଠାରେ ଛେଳି ଓ ମେଣ୍ଢାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କଟାଯାଇଥାଏ। ତେବେ ଏହାକୁ ବ୍ୟବହାର ନକରି ଅଧିକାଂଶ ମଟନ ବ୍ୟବସାୟୀ ସହରର ବିଭିନ୍ନ ରାସ୍ତାଘାଟ ଓ ଗଳିକନ୍ଦିରେ ଡ୍ରେନ ଓ ରାସ୍ତାକୁ ଅକ୍ତିଆର କରି ଦୋକାନ ଖୋଲି ବ୍ୟବସାୟ କରୁଛନ୍ତି। କେବଳ ଏତିକି ନୁହେଁ ରାସ୍ତା ଉପରେ ଛେଳି ଓ କୁକୁଡାଙ୍କୁ କାଟୁଥିବା ଦେଖିବାକୁ ମିଳୁଛି। ଏଭଳି ଦୃଶ୍ୟକୁ ଜନମାନସରୁ ଦୂରେଇ ରଖିବା ତଥା ଜବରଦଖଲ ହଟାଇବାକୁ ଯାଇ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶ କ୍ରମେ ସହରର ଜୋନ-୧ର ୱାର୍ଡ ନମ୍ବର ୧ରୁ ଆରମ୍ଭ କରି ୫ନମ୍ବର ଏବଂ ୧୮ରୁ ୧୯ ୱାର୍ଡ ମଧ୍ୟରେ ପ୍ରଥମ ଦିନରେ ମଙ୍ଗଳବାର ଏନଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଅଭିଯାନ ଜରିଆରେ ବର୍ତ୍ତମାନ କେବଳ ରାସ୍ତା କଡରେ ବେନିୟମ ଭାବେ ତଥା ଜବରଦଖଲ କରି ମଟନ ଦୋକାନ ଖୋଲିବା, କଟା ହୋଇଥିବା ଛେଳିଙ୍କୁ ଲଟକାଇବା, ଟ୍ରେଡ ଲାଇସେନ୍ସ ଓ ଫୁଡ ଲାଇସେନ୍ସ ପଞ୍ଜୀକରଣ ହୋଇଛି କି ନାହିଁ ଆଦି ସମସ୍ତ ବିଷୟକୁ ତଦାରଖ କରାଯାଇଥିଲା। ହରିଡାଖଣ୍ଡି ଛକ ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ପ୍ରଥମ ଦିନରେ ବେନିୟମ ଭାବେ ଚାଲିଥିବା ୩ଟି ମଟନ ଦୋକାନକୁ ବିଇଏମସି ପକ୍ଷରୁ ସିଲ୍ କରାଯାଇଥିବା ସହକାରୀ କମିଶନର ରୋନିତ କୁମାର କହିଛନ୍ତି। ଆଗକୁ ସହରର ସମସ୍ତ ୱାର୍ଡରେ ଅର୍ଥାତ୍ ୩ଟି ଜୋନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ। ବର୍ତ୍ତମାନ ଯେଭଳି ଭାବେ ସହରର ସମସ୍ତ ମଟନ ଦୋକାନୀ ସ୍ଲଟର ହାଉସରେ ଛେଳି କାଟି ବାହାରେ ବିକ୍ରୀ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ଆଗାମୀ ଦିନରେ ରାସ୍ତା କଡ଼ରୁ ଚିକେନ ଦୋକାନଗୁଡିକୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏହାଦ୍ୱାରା ସହରର ଟ୍ରାଫିକ ସମସ୍ୟାର ସମାଧାନ ସହିତ ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ଗଠନ ହେବାରେ ସହାୟକ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଇଏମସି କମିଶନର। ମଙ୍ଗଳବାର ଅନୁଷ୍ଠିତ ଚଢଉରେ ୩ଜଣ ସହକାରୀ କମିଶନର ଯଥା ରୋନିତ କୁମାର, ବିଭୁ ପ୍ରସାଦ ମହାପାତ୍ର ଓ ବିକ୍ରମ ଶୁଣ୍ଢିଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ, ଅମିନ ଏବଂ ସ୍ୱତନ୍ତ୍ର ପୁଲିସ ଫୋର୍ସ ନିୟୋଜିତ ଥିଲେ। ବିଳମ୍ବରେ ହେଲେ ମଧ୍ୟ ବିଇଏମସିର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

**ଗୋପାଳପୁରରେ ବ୍ଲୁ-ଫ୍ଲାଗ୍ ବିଚ୍ ଓ ବେଳାଭୂମି ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ**

# ଫ୍ଲାଗ୍ ବିଚ୍ ପାଇଁ ପ୍ରସ୍ତୁତ ହୋଇଛି ଡିପିଆର୍: ଜିଲ୍ଲାପାଳ





ବ୍ରହ୍ମପୁର,୧୯ ।୮ (ସମିସ): ଗୋପାଳପୁର ବେଳାଭୂମିରେ ଆଜି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ବ୍ଲୁ-ଫ୍ଲାଗ ବିଚ୍ ଓ ବେଳାଭୂମିରେ ଉନ୍ନୟନ କାର୍ଯ୍ୟ ନିମନ୍ତେ ଆଲୋଚନା ସହ ତଦାରଖ କରିଛନ୍ତି। ସର୍କିଟ ହାଉସରେ ବିଏମ୍‌ସି କମିଶନର ତଥା ବିଡ଼ିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଡିଏ କର୍ତ୍ତୃପକ୍ଷଙ୍କ ସହ ଏନେଇ ଆଲୋଚନା କରିଥିଲେ। ପରେ ଇକୋ ରିଟ୍ରିଟ କାଠପୋଲ ବେଳାଭୂମିଠାରୁ ମୁହାଣ ପର୍ଯ୍ୟନ୍ତ ହେବାକୁ ଥିବା ବ୍ଲୁ-ଫ୍ଲାଗ ବିଚ୍ ନିମନ୍ତେ ବୁଲି ଦେଖିଥିଲେ ଜିଲ୍ଲାପାଳ। ପରେ ବିଜୁ ପଟ୍ଟନାୟକ ଆଡ଼ଭେଞ୍ଚର ପାର୍କ ନିକଟରେ ବେଳାଭୂମି ଉନ୍ନତିକରଣ ନିମନ୍ତେ ଆଲୋଚନା କରିଥିଲେ। ବେଳାଭୂମିରେ ରହିଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବ। ଏକ ସ୍ଥାନ ଚିହ୍ନଟ କରି ସମସ୍ତ ଉଠା ଦୋକାନୀଙ୍କୁ ଥଇଥାନ ନିମନ୍ତେ

**ଶୀଘ୍ର ବେଳାଭୂମିରୁ ଉଠାଦୋକାନୀଙ୍କୁ ହେବ ଉଚ୍ଛେଦ**

ଆଲୋଚନା କରିଥିଲେ। ବ୍ଲୁ ଫ୍ଲାଗ ବିଚ ନେଇ ଡିପିଆର ପ୍ରସ୍ତୁତ ହୋଇଛି। ଇକୋ ରିଟ୍ରିଟ କାଠପୋଲ ବେଳାଭୂମି ଠାରୁ ମୁହାଣ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ, ଶୌଚାଳୟ ନିର୍ମାଣ, ଚାରାରୋପଣ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସିସିକ୍ୟାମେରା, ପର୍ଯ୍ୟଟକଙ୍କ ଚଲାପଥ, ପାର୍କିଂ, ବସିବା ପାଇଁ ଚେୟାର, ବେଳାଭୂମି ସଫେଇ ଓ ପର୍ଯ୍ୟଟକଙ୍କ ନିରାପଦ ଓ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏଥି ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୩୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାକୁ ଟେଣ୍ଡର କରି ଖୁବ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ତଦାରଖ ବେଳେ ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, କନିଷ୍ଠ ତସିଲଦାର କବିରାଜ ପ୍ରଧାନ, ଗୋପାଳପୁର ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେଣିଆ, ଗୋପାଳପୁର ରାଜସ୍ୱ ବିଭାଗ ଭାରପ୍ରାପ୍ତ ଆର.ଆଇ ଡ଼ି.କାମେଶ୍ୱର ରାଓ, ସୁପରଭାଇଜର ଅନାଦି ବେହେରା ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସନ୍ଦୀପ୍ତ ଜେ.ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଆଜିଠାରୁ ଦଶମ ଛାତ୍ରଛାତ୍ରୀଙ୍କ ପାଇଁ 'ବେସ୍‌ଲାଇନ୍' ପରୀକ୍ଷା

ବ୍ରହ୍ମପୁର,୧୯ ।୮ (ସମିସ): ଚଳିତ ଶିକ୍ଷାବର୍ଷର ଦଶମ ବା ମାଟ୍ରିକ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଏକ ନିଆରା ପଦେକ୍ଷପ ଗ୍ରହଣ କରାଯାଇଛି। ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଏବଂ ପରିମାଣାତ୍ମକ ଫଳାଫଳ ଲକ୍ଷ୍ୟରେ ଜିଲ୍ଲାବ୍ୟାପୀ ସବୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ବେସଲାଇନ୍ ପରୀକ୍ଷା' ଆୟୋଜନ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଚଳିତ ମାସ ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ଏହି ପରୀକ୍ଷା ୩ଦିନ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଉପସ୍ଥିତ ରହିବା ସହ ବିଦ୍ୟାଳୟରେ "ପୂର୍ଣ୍ଣ ଉପସ୍ଥାନ ଦିବସ' ଭାବେ ପାଳନ କରିବାକୁ

■ **ବୋର୍ଡ ପରୀକ୍ଷାରେ ଗୁଣାତ୍ମକ ଓ ପରିମାଣାତ୍ମକ ଫଳାଫଳ ଲକ୍ଷ୍ୟ**

■ **ସମସ୍ତ ବିଦ୍ୟାଳୟରେ ପାଳନ ହେବ 'ପୂର୍ଣ୍ଣ ଉପସ୍ଥାନ ଦିବସ'**

ନିର୍ଦ୍ଦେଶ ରହିଛି। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସୁନିଶ୍ଚିତ କରିବାକୁ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ପୂର୍ବରୁ ଅବଗତ କରାଯାଇଛି। ପ୍ରତିଦିନ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ଦୁଇଟି ବିଷୟରେ ମୋଟ ୫୦ମାର୍କ ବିଶିଷ୍ଟ 'ବେସଲାଇନ୍ ପରୀକ୍ଷା' କରାଯିବ। ଉକ୍ତ ପରୀକ୍ଷାରେ ମୋଟ ୫୦ଟି ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଦେବାକୁ ଛାତ୍ରଛାତ୍ରୀଙ୍କୁ ଏକ ଘଣ୍ଟା ୧୫ମିନଟର ସମୟ ଧାର୍ଯ୍ୟ କରାଯାଇଛି। ପରୀକ୍ଷା ଆରମ୍ଭର ୨ଘଣ୍ଟା ପୂର୍ବରୁ ପ୍ରଶ୍ନଗୁଡ଼ିକ ହ୍ୱାଟ୍‌ସଆପ୍ ଜରିଆରେ ସ୍କୁଲଗୁଡ଼ିକୁ ପଠାଯିବ। ପରୀକ୍ଷା ସମୟରେ ପ୍ରଶ୍ନଗୁଡ଼ିକୁ ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ବୋର୍ଡରେ ପ୍ରଦର୍ଶିତ କରାଯିବ। ପରୀକ୍ଷା ସମୟରେ ବିଦ୍ୟୁତ୍ ବିଭ୍ରାଟ ଭଳି କୌଣସି ସମସ୍ୟା ଦେଖାଦେଲେ, ବିଦ୍ୟୁତ୍ ପୁନଃସଂଯୋଗ ହେବା ପରେ ଉକ୍ତ ଦିନ ହିଁ ପରୀକ୍ଷା କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ସ୍ପଷ୍ଟ କରିଛନ୍ତି। ସ୍କୁଲ ସ୍ତରରେ ପରୀକ୍ଷା ଫଳାଫଳ ବିଶ୍ଳେଷଣ ଅଗଷ୍ଟ ୨୯ ସୁଦ୍ଧା ସମାପ୍ତ କରି ନୋଡାଲ୍ ହାଇସ୍କୁଲଗୁଡ଼ିକୁ ଦାଖଲ କରିବା ସହ ଚଳିତ ମାସ ୩୧ ସୁଦ୍ଧା ଗଞ୍ଜାମର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିବାକୁ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦଶମ ଶ୍ରେଣୀର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସଫଳତା ସ୍ତରକୁ ଉନ୍ନତ କରିବା ପାଇଁ ସ୍କୁଲ ସ୍ତରରେ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। କୌଣସି ବିଦ୍ୟାଳୟରେ 'ବେସଲାଇନ୍ ପରୀକ୍ଷା'ର ମାର୍ଗଦର୍ଶିକାକୁ ପାଳନ କରାନଗଲେ ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

# ତେଜରାତି ଦୋକାନରୁ ଚୋରି

ବ୍ରହ୍ମପୁର,୧୯ ।୮ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ବାପୁଜୀନଗରରେ ଥିବା ଏକ ତେଜରାତି ଦୋକାନରୁ ନଗଦ ଟଙ୍କା ସହ ବହୁ ସାମଗ୍ରୀ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ଡମ୍ବୁରଧର ମହାରଣା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି। ଗେଟବଜାର ତୁଳସୀନଗର ତୃତୀୟ ଲାଇନ ନିବାସୀ ଡମ୍ବୁରୁଙ୍କର ବାପୁଜୀନଗରରେ ଏକ ତେଜରାତି ଦୋକାନ ରହିଛି। ସୋମବାର ତାଙ୍କ ଦୋକାନ ବନ୍ଦ ଥିଲା। ମଙ୍ଗଳବାର ସକାଳେ ଦୋକାନ ତାଲା ଭଙ୍ଗା ଯାଇଥିବା ଖବର ପାଇ ସେ ପହଞ୍ଚିଥିଲେ। ଦୋକାନ ଭିତରକୁ ଯାଇ ଦେଖିବା ବେଳେ ତାଙ୍କ କ୍ୟାସ କାଉଣ୍ଟରେ ଥିବା ପ୍ରାୟ ୧୮ ହଜାର ଟଙ୍କା, ବହୁ ସାମଗ୍ରୀ ଚୋରି ହୋଇଥିଲା। ୨ଜଣ ଯୁବକ ପଶି ଚୋରି କରୁଥିବାର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅମଲା ସଂଘର ଧାରଣା



ବ୍ରହ୍ମପୁର,୧୯ ।୮ (ସମିସ): ବିଭିନ୍ନ ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ଗତ ୧୧ ତାରିଖରୁ ପ୍ରତିବାଦ ଧାରଣା ଜାରି ରହିଛି। ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ୯ ଦଫା ଦାବି ନେଇ ନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶତାଧିକ କର୍ମଚାରୀ ସମୂହ ଛୁଟିରେ ରହିବା ସହ ଧାରଣାରେ ବସିଛନ୍ତି। ମୂଳ ଦରମା ଓଆରଏସ ପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯ ବୃଦ୍ଧି କରିବା, ନୂତନ ପଦ ସୃଷ୍ଟି ଓ ପୁନଃଗଠନ, ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଓ ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାଙ୍କୁ ଶତପ୍ରତିଶତ ପଦୋନ୍ନତି ସମେତ ୯ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ କର୍ମଚାରୀ ଆନ୍ଦୋଳନ ଜାରି ରଖିବେ ବୋଲି ଜିଲ୍ଲା ସଭାପତି ପିଏସ୍. ରଜନୀକାନ୍ତ କହିଛନ୍ତି। ଅମଲାଙ୍କ ଆନ୍ଦୋଳନ ଯୋଗୁଁ ରାଜସ୍ୱ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରଭାବିତ ହୋଇଛି।

■ **ଗୋପାଳପୁର ଗଣଦୁଷ୍କର୍ମ ମାମଲା**

# ଅଭିଯୁକ୍ତ ଓମ୍ ପ୍ରଧାନର ଜାମିନ ଖାରଜ

ବ୍ରହ୍ମପୁର,୧୯ ।୮ (ସମିସ): ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଓମ୍ ପ୍ରଧାନର ଜାମିନ ଆବେଦନ ଏଡିଜେ-୨ କୋର୍ଟରେ ଖାରଜ ହୋଇଯାଇଛି। ଓମ୍‌ର ଓକିଲ କୋର୍ଟରେ ତାଙ୍କ ଜାମିନ ଆବେଦନ କରିଥିଲେ। ଏହାକୁ ସରକାରୀ ଓକିଲ ବିରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଜଜ୍ ଜାମିନ ଖାରଜ କରିଥିବା ଜଣାପଡିଛି। ପ୍ରକାଶଥାଉକି, ଏହି ଗଣ ଦୁଷ୍କର୍ମ ମାମଲାରେ ସଂପୃକ୍ତ ଥିବା ୧୦ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଭାର ନେବା ପରେ କୋର୍ଟରେ ଚାର୍ଜସିଟ ଦାଖଲ ବେଳେ ଓମ୍ ନାମରେ ଚାର୍ଜସିଟ ଦାଖଲ କରିନଥିଲା। ଅନ୍ୟପକ୍ଷରେ କିଛିଦିନ ତଳେ ଏହି ମାମଲା ଜିଲ୍ଲା କୋର୍ଟରୁ ଏଡିଜେ-୨ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

**ଏମ୍‌କେସିଜି ମେଡ଼ିକାଲରେ ପ୍ରଥମ**

# ୪୫ ବର୍ଷୀୟ ମହିଳାଙ୍କ ସଫଳ ବ୍ରେନ୍ ଟ୍ୟୁମର ଅସ୍ତ୍ରୋପଚାର

ବ୍ରହ୍ମପୁର,୧୯ ।୮ (ସମିସ):

ଏମ୍‌କେସିଜି ମେଡ଼ିକାଲରେ ପ୍ରଥମ ଥର ଜଣେ ୪୫ ବର୍ଷିୟ ମହିଳାଙ୍କ ସଫଳ ବ୍ରେନ୍ ଟ୍ୟୁମର ଅପରେସନ ହୋଇଛି। ମେଡିକାଲର ନ୍ୟୁରୋ ସର୍ଜରୀ (ସ୍ନାୟୁଶଲ୍ୟ) ବିଭାଗରେ ମଙ୍ଗଳବାର ଏହି ବିରଳ ଅପରେସନ କରାଯାଇଛି। ଗତ ୨୦୧୯ ମସିହାରୁ ପ୍ରାୟ ୧୦କୋଟି ଟଙ୍କାର 'ମାଇକ୍ରୋସ୍କୋପ ଅପରେଟିଂ' ମେସିନ ଏମ୍‌କେସିଜି ମେଡ଼ିକାଲ ପ୍ରଦାନ କରାଯାଇଥିବା ବେଳେ କରୋନା ଓ ବିଭାଗରେ ଡ଼ାକ୍ତର ଅଭାବ କାରଣରୁ ଉକ୍ତ ମେସିନ ବ୍ୟବହାର ହୋଇ ନ ଥିଲା। ବିଭାଗରେ ଖାଲି ରହିଥିବା ଡ଼ାକ୍ତର ପଦ ପୂରଣ ହେବାର ୬ବର୍ଷ ପରେ ଏହି ମୂଲ୍ୟବାନ ମେସିନକୁ ବ୍ରେନ୍ ଟ୍ୟୁମର ରୋଗୀଙ୍କ ବିରଳ ଅପରେସନରେ ବ୍ୟବହାର କରାଯାଇଛି। ୬ବର୍ଷ ଧରି ପଡ଼ି ରହିଥିବା 'ମାଇକ୍ରୋସ୍କୋପ



ଅପରେଟିଂ' ମେସିନକୁ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ ଡ଼ିନ ପ୍ରଫେସର ଡ଼ା. ସୁଚିତ୍ରା ଦାସ ଓ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ଶୁଭାରମ୍ଭ କରିଥିଲେ।

ସୂଚନାଯୋଗ୍ୟ ଯେ, ଦିଗପହଣ୍ଡି ଅଞ୍ଚଳର ୪୫ ବର୍ଷିୟ ମହିଳା ୫ବର୍ଷ ଧରି ବ୍ରେନ୍ ଟ୍ୟୁମରରେ ପୀଡ଼ିତ ଥିଲେ। ଏମ୍‌କେସିଜି ମେଡ଼ିକାଲରେ ଉପଯୁକ୍ତ ଚିକିତ୍ସା ଅଭାବରୁ ସେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ। କିନ୍ତୁ ଗତ ୪ରୁ ୫ମାସ ଧରି ନାକରୁ ପାଣି ବାହାରିବାରୁ କିଛି ଦିନ ପୂର୍ବେ ରୋଗୀ ଜଣଙ୍କ ପୁଣି ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲକୁ ଆସିଥିଲେ। ଡାକ୍ତର ଚିକିତ୍ସା କରିବା ପରେ ବ୍ରେନ୍ ଟ୍ୟୁମର ଅପରେସନ କରିବାକୁ ମହିଳାଙ୍କ ପରିବାର ଲୋକଙ୍କୁ

**୬ ବର୍ଷ ପରେ ବ୍ୟବହାର ହେଲା 'ମାଇକ୍ରୋସ୍କୋପ ଅପରେଟିଂ' ମେସିନ**

ପରାମର୍ଶ ଦେଇଥିଲେ। ଅପରେସନ ନିମନ୍ତେ ସମସ୍ତ ପରୀକ୍ଷା କରିବା ପରେ ବିଭାଗ ପକ୍ଷରୁ ଅପରେସନ କରାଯାଇଥିଲା। ଅପରେସନବେଳେ ଡ଼ାକ୍ତରମାନେ 'ମାଇକ୍ରୋସ୍କୋପ ଅପରେଟିଂ' ମେସିନ୍ ବ୍ୟବହାର କରି ମୁଣ୍ଡର ସୂକ୍ଷ୍ମ ଶିରା ପ୍ରଶିରା ଦେଖିଥିଲେ। ଏହା ପରେ ଅପରେସନ କରିଥିଲେ। ରୋଗୀଙ୍କ ବ୍ରେନ୍ ଟ୍ୟୁମର ଅପରେସନ ନିମନ୍ତେ ୪ଘଣ୍ଟା ସମୟ ଲାଗିଥିବା ବେଳେ ରୋଗୀଙ୍କୁ ଆଇସିୟୁରେ ଚିକିତ୍ସା ଜାରି ରହିଥିବା ବିଭାଗୀୟ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ଡ଼ା. ରବି ନାରାୟଣ ପଣ୍ଡା କହିଛନ୍ତି। ଅପରେସନ ବେଳେ ନ୍ୟୁରୋସର୍ଜରୀ ଓ ନିଶ୍ଚେତକ ବିଭାଗର ବହୁ ଡ଼ାକ୍ତର ଉପସ୍ଥିତ ଥିଲେ। ଏମ୍‌କେସିଜି ମେଡ଼ିକାଲରେ ନ୍ୟୁରୋ ସର୍ଜନଙ୍କ ଅଭାବ ଯୋଗୁ କୌଣସି ରୋଗୀଙ୍କ ବ୍ରେନ୍ ଟ୍ୟୁମର ଅପରେସନ ହୋଇପାରୁନଥିଲା। ଏହା ଦ୍ୱାରା ରୋଗୀମାନେ ବାହାର ଜିଲ୍ଲା ତଥା ଘରୋଇ ହସ୍‌ପିଟାଲକୁ ଯାଉଥିଲେ। ବାରମ୍ବାର ଦାବି ପରେ ସରକାର ଏମକେସିଜି ମେଡିକାଲରେ ଜଣେ ନ୍ୟୁରୋ ସର୍ଜନଙ୍କୁ ନିଯୁକ୍ତି ଦେଇଥିଲେ। ଏହା ପରେ ବିଭାଗ ପକ୍ଷରୁ ବ୍ରେନଟ୍ୟୁମର ଅପରେସନ ଆରମ୍ଭ ହୋଇଛି। ଆଗାମୀ ଦିନରେ ଅନ୍ୟ ରୋଗୀଙ୍କ ଉତ୍ତମ ଚିକିତ୍ସା ସହ ଅପରେସନ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କାର୍ ସହ ୪୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ



ଫିରିଙ୍ଗିଆ,୧୯।୮ (ସମିସ): ଫିରିଙ୍ଗିଆ ପୁଲିସ ଏକ ଦାମୀ କାର ସହ ୪୦ କିଲୋ ଗଞ୍ଜେଇ ଜବତ କରି ଦୁଇଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗୋଛାପଡା ଅଞ୍ଚଳରୁ ଭୁବନେଶ୍ୱରକୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଫିରିଙ୍ଗିଆ ଥାନା ଏସ୍ଆଇ ଦୀପକ କୁମାର ରାଉତ ସଦଳବଳ ଚଢ଼ଉ କରି ମାଝୀପଡ଼ା ଘାଟି ନିକଟରେ ଦ୍ରୁତ ଗତିରେ ଯାଉଥିବା କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡ଼ିରୁ ଦୁଇଟି ବସ୍ତାରେ ଥିବା ୪୦ କିଲୋ ଗଞ୍ଜେଇ ମିଳିଥିଲା। ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯିବା ସହିତ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଦୁଇ ଜଣ ହେଲେ ଫୁଲବାଣୀ ସଦର ଥାନା ବିଶିପଡା ପଞ୍ଚାୟତ ଡୁମୁରୀଗୁଡାର ପଙ୍କଜ ପ୍ରଧାନ ଓ ଭଟାଲପଦରର ବିକ୍ରମ ମହାକୁଡ଼ ବୋଲି ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଗୋପୀନାଥ ବେହେରା କହିଛନ୍ତି।

## ନୂତନ ଭେଷଜ ନିରୀକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଫୁଲବାଣୀ,୧୯।୮ (ସମିସ): ଫୁଲବାଣୀ ସାଲୁଙ୍କି ହୋଟେଲ ସଭାଗୃହରେ କନ୍ଧମାଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ପୂର୍ବତନ ଭେଷଜ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ଭେଷଜ ନିରୀକ୍ଷିକା ପ୍ରିୟଙ୍କା ଚକ୍ରବର୍ତ୍ତୀଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ଭେଷଜ ନିରୀକ୍ଷକ ଶ୍ରୀ ପ୍ରଧାନଙ୍କ ନୟାଗଡ଼ ବଦଳି ହୋଇଥିବା ବେଳେ ନୂତନ ଭେଷଜ ନିରୀକ୍ଷିକା ପୂର୍ବରୁ ନୟାଗଡ଼ ଭେଷଜ ନିରୀକ୍ଷକ ଥିଲେ। ଆସୋସିଏସନ ସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ପାଦକ ରାମଚନ୍ଦ୍ର ପାତ୍ର ମଞ୍ଚାସୀନ ଥିଲେ। ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ସାହୁ ପରିଚାଳନା କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ସ୍ଥାନରୁ କାର୍ଯ୍ୟକାରୀ ସଭ୍ୟ ଯୋଗ ଦେଇ ଥିଲେ।

## ନଦୀରେ ବୁଡ଼ି ଯୁବକ ନିଖୋଜ

ମୋହନା,୧୯।୮ (ସମିସ): ଗଜପତି ଜିଲ୍ଲା ଅଡ଼ବା ଗ୍ରାମରେ ଥିବା ହରଭଙ୍ଗୀ ନଦୀରେ ବୁଡି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଅଡ଼ବା ଖ୍ରୀଷ୍ଟିଆନ ସାହିର ସୁବ୍ରତ ନାୟକ(୨୬)। ସୋମବାର ସନ୍ଧ୍ୟାରେ ସୁବ୍ରତ କିଛି ସାଙ୍ଗଙ୍କ ସହିତ ମିଶି ନଦୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଖବର ଲେଖା ଶେଷ ସୁଦ୍ଧା ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ଅଡ଼ବା ପୁଲିସ ମୋହନା ଅଗ୍ନିଶମ ବାହିନୀ ସହାୟତାରେ ଯୁବକଙ୍କ ସନ୍ଧାନ ଜାରି ରଖିଛି। ସୁବ୍ରତଙ୍କ ସହ ମାଛ ଧରିବା ପାଇଁ ଯାଇଥିବା ୪ ଜଣ ଯୁବକଙ୍କୁ ପୁଲିସ ଅଧିକ ପଚରାଉଚରା କରୁଛି।

# ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ

### ବ୍ୟାପକ ଫସଲ ନଷ୍ଟ; ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

କାଶୀନଗର,୧୯।୮ (ସମିସ):

ଗଜପତି ଜିଲ୍ଲା କାଶୀନଗରରେ ଦୁଇଦିନ ଧରି ବର୍ଷା ଲାଗି ରହିଛି। ଅତ୍ୟଧିକ ବର୍ଷା ଯୋଗୁ ନାଳରେ ଜଳ ନିଷ୍କାସନ ହୋଇପାରିନାହିଁ। ସହରର ଦୁଇ ପାର୍ଶ୍ୱରେ ପାଣି ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଛି। ରାସ୍ତାରେ ପାଣି ପ୍ରବାହିତ ହେବା ଦ୍ୱାରା ସ୍ଥାନୀୟ ଲୋକେ, ଛାତ୍ରଛାତ୍ରୀ ଓ ଯାନବାହାନ ଯାତାୟତରେ ବାଧା ସୃଷ୍ଟି ହୋଇଛି। ବହୁ ଚାଷ ଜମିରେ ପାଣି ଭର୍ତ୍ତି ହୋଇଯିବା ଯୋଗୁ ବ୍ୟାପକ ଫସଲ ନଷ୍ଟ ଆଶଙ୍କା ପ୍ରକାଶ ପାଇଛି। ଦୁଇ ଦିନ ତୁଳନାରେ ଆଜି ବର୍ଷା କମ୍ ରହିଥିବା ବେଳେ ବଂଶଧାରା ନଦୀର ପ୍ରବାହିତ ଜଳସ୍ତର ୫୩.୭୨ ମିଟର ରହିଛି। କାଶୀନଗର ଅଞ୍ଚଳରେ ୧୦୫.୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବଂଶଧାରା ନଦୀରେ ବିପଦସଂକେତ ତଳେ ପାଣି ପ୍ରବାହିତ ହେଉଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିପଦ ନାହିଁ ବୋଲି କେନ୍ଦ୍ରୀୟ ଜଳ ସମ୍ପଦ ଆୟୋଗ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ଗତ ଦୁଇ ଦିନ ଧରି ନଦୀ କଡ଼ରେ ରହିଥିବା ବିଭିନ୍ନ ଗ୍ରାମ ପାଲସିଂଙ୍ଗ, ବାଡ଼ିଗାଁ, ସାରା, ଇଦୁଡ଼ି ସମେତ କାଶୀନଗର ଏନ୍ଏସିର ୩, ୪, ୭, ୯ ଓ ୧୦ ୱାର୍ଡରେ ଲୋକଙ୍କୁ ସଚେତନା କରିବା ସହ ବିଭିନ୍ନ ସ୍ଥାନରେ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇଥିବା ବିଡିଓ ଡମ୍ବୁରଧର ମଲ୍ଲିକ ସୂଚନା ଦେଇଛନ୍ତି। ତହସିଲଦାର ସୁଧୀର କୁମାର ନନ୍ଦ ନଦୀ ପାର୍ଶ୍ୱର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି।

ମଙ୍ଗଳବାର ସକାଳେ ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା କାଶୀନଗର ଏନ୍ଏସି ଓ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ତହସିଲଦାର ସୁଧୀର କୁମାର ନନ୍ଦ, ବିଡିଓ ଡମ୍ବୁରଧର ମଲ୍ଲିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବତ ସାହୁ, ସିଡ଼ିପିଓ ଓ ଅନ୍ୟ ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। କାଶୀନଗର ଉପର ମୁଣ୍ଡରେ ଯଦି ବର୍ଷା ହୁଏ ନଦୀରେ ପାଣି ବଢ଼ିବାରେ ସମ୍ଭାବନା ରହିଛି ବୋଲି କାଶୀନଗର କେନ୍ଦ୍ରୀୟ ଜଳ ସମ୍ପଦ ଆୟୋଗ ପକ୍ଷରୁ ସୂଚନା ମିଳିଛି।






## ମାଛ ଧରିବାକୁ ଯାଇ ରାଧାସାଗରରେ ଯୁବକ ନିଖୋଜ

ପାରଳାଖେମୁଣ୍ଡି,୧୯ ।୮ (ସମିସ): ଗାରାବନ୍ଧ ଥାନା ଲାବାଣ୍ୟଗଡ଼ରେ ଏକ ଅଭାବନୀୟ ଘଟଣା ଘଟିଛି। ଗତକାଲି ଆନ୍ଧ୍ରର ୪ଜଣ ଯୁବକ ଏକ ଲୁହାଡଙ୍ଗାରେ ଲାବାଣ୍ୟଗଡ଼ ସ୍ଥିତ ରାଧାସାଗରରେ ମାଛ ଧରିବାକୁ ଯାଇ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶ ଗୋପିଲୀ ଗ୍ରାମର ୩ ଜଣ ପହଁରି କୂଳକୁ ଚାଲିଆସିଥିବାବେଳେ ମିଳିଆପୁଟି ଥାନା ସାନହଂସା ଗ୍ରାମର ଲାଣ୍ଡା ରାମାରାଓ (୪୭) ଆସିପାରିନଥିଲେ। କୂଳକୁ ପହଁରି ଆସିଥିବା ଯୁବକ ଅପେକ୍ଷା କରିବା ପରେ ମଧ୍ୟ ରାମାରାଓ ଫେରିନଥିଲେ। ତୁହାକୁ ତୁହା ବର୍ଷା ସତ୍ତ୍ୱେ ଖୋଜାଖୋଜି କରିଥିଲେ। ଡଙ୍ଗା ସହ ରାମାରାଓ ବୁଡିଯାଇଥିବା ଗାରାବନ୍ଧ ପୁଲିସ୍‌କୁ ଆଜି ଜଣାଇଥିଲେ। ପୁଲିସ୍ ସୂଚନା ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀର ସହଯୋଗରେ ରବର ବୋଟ୍ ଯୋଗେ ସକାଳୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ହେଲେ ରାଧାସାଗରେ ବୁଡ଼ିଯାଇଥିବା ଲୁହାଡ଼ଙ୍ଗା ଉଦ୍ଧାର କରାଯାଇଛି। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି।



## ଲାଭଜନକ ମକା ଚାଷ ପାଇଁ ତାଲିମ




ଟିକାବାଲି,୧୯।୮ (ସମିସ): ଟିକାବାଲି ବ୍ଲକ କୃଷି ଅଧିକାରୀଙ୍କ ତାଲିମ କକ୍ଷରେ ଖରିଫ ଋତୁରେ ଲାଭଜନକ ମକା ଚାଷ ସମ୍ପର୍କରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଓଡ଼ିଶା ଫାଉଣ୍ଡେସନ ଭୁବନେଶ୍ୱର ଓ ହାଇଦରାବାଦର ସିଆଇଏମ୍ଏମ୍ୱାଇଟି (ସିମିଟ) ସଂସ୍ଥା ମିଳିତ ସହଯୋଗ ଓ ଟିକାବାଲି ବ୍ଲକ କୃଷି ଅଧିକାରୀ, ସନ୍ତୋଷ ଦଳ ବେହେରା ଏବଂ ସହକାରୀ କୃଷି ଅଧିକାରୀ ଶୁଭସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବ୍ଲକର ୪୦ରୁ ଅଧିକ ମହିଳା ଓ ପୁରୁଷ ଚାଷୀଙ୍କୁ ବର୍ଷା ଦିନରେ କିଭଳି ମକା ଚାଷ କରାଯାଇପାରିବ ବିଶେଷକରି ଜମି ପ୍ରସ୍ତୁତି, ଧାଡିରେ ମଞ୍ଜି ଲଗା, ଘାସ ନିୟନ୍ତ୍ରଣ, ରୋଗ ପୋକ ନିୟନ୍ତ୍ରଣ, ସାର ପ୍ରୟୋଗ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ମୃତ୍ତିକା ବୈଜ୍ଞାନିକ ଡ଼. କିରଣ କୁମାର ମହାପାତ୍ର, ସିମିଟ୍‌ର ପରାମର୍ଶଦାତା ଡ଼. ଦେବରାଜ ଲେଙ୍କା ଓ ଓଡ଼ିଶା ଫାଉଣ୍ଡେସନର ଭୂପେନ୍ଦ୍ର ଭାସ୍କର ମେହେର ପରିଚାଳନା କରିଥିଲେ। କୃଷକ ସାଥୀ ଅକ୍ଷୟ କହଁର, ଟିକାବାଲି ଅଞ୍ଚଳରେ ହାଇବ୍ରିଡ଼ କିସମ ସହ ଭାରତର ବିଭିନ୍ନ ରାଜ୍ୟରେ ଅଧିକ ଅମଳ ପ୍ରଦାନ କରୁଥିବା ମରୁଡି ସହଣୀ ଶକ୍ତି ଥିବା ୪ କିସମ ମକ୍କା ବିହନର ପରୀକ୍ଷଣ କରାଯିବ ବୋଲି କହିଥିଲେ। ଚଳିତ ବର୍ଷ ଓ ଆସନ୍ତା ବର୍ଷ ଦୀର୍ଘ ଦୁଇ ବର୍ଷର ପରୀକ୍ଷଣକୁ ଦେଖି ଅଧିକ ଅମଳ ପ୍ରଦାନ କରିଥିବା କିସମକୁ ଅନ୍ୟ ବ୍ଲକର ଅଧିକ ଅଞ୍ଚଳରେ ଚାଷ କରିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ବିଷ୍ଣୁ ଗୋବିନ୍ଦ ଟିକାବାଲିର ନୂତନ ବିଡିଓ



ଟିକାବାଲି,୧୯।୮ (ସମିସ): ଟିକାବାଲି ବ୍ଲକରେ ଆଜି ନୂତନ ବିଡିଓ ଭାବରେ ବିଷ୍ଣୁ ଗୋବିନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଥିଲେ। ଟିକାବାଲି ବ୍ଲକ ଦାୟିତ୍ୱରେ ଥିବା ନାରାୟଣ ଦୀକ୍ଷିତଙ୍କୁ କାକଟପୁର ବଦଳି କରାଯାଇଛି। ଦାୟିତ୍ୱ ଗ୍ରହଣ ଅବସରରେ ବିଷ୍ଣୁ ଗୋବିନ୍ଦ ବ୍ଲକରେ ବିକାଶକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## ବିଦ୍ୟାଳୟ ଶ୍ରେଣୀ ଗୃହରୁ ସାପ ଉଦ୍ଧାର



ମୋହନା,୧୯।୮ (ସମିସ): ମୋହନା ସହର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସରକାର ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହରୁ ମଙ୍ଗଳବାର ୫ ଫୁଟ ଲମ୍ବର ଏକ ଢମଣା ସାପକୁ ଉଦ୍ଧାର କରାଯାଇଛି। ଲଗାଣ ବର୍ଷା ଯୋଗୁ ବିଦ୍ୟାଳୟ ଖୋଲିବାବେଳେ ସାପ ଶ୍ରେଣୀ ଗୃହରେ ଥିବା ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ସର୍ପ ଉଦ୍ଧାରକାରୀ ଦଳ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ।

## ଗଛ ପଡ଼ି ୫ ଘଣ୍ଟା ଏନ୍ଏଚ୍ ଅବରୋଧ



ମୋହନା,୧୯।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ସକାଳେ ଗଜପତି ଜିଲ୍ଲା ମୋହନା ବ୍ଲକର ମାଣ୍ଡିମରା ଗ୍ରାମ ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥରେ ଏକ ବିରାଟ ଗଛ ରାସ୍ତା ଉପରେ ପଡ଼ିଯାଇଥିଲା। ଏଥିଯୋଗୁ ଉକ୍ତ ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ୩୨୬ ନଂ. ଜାତୀୟ ରାଜପଥ ବ୍ରହ୍ମପୁରରୁ ରାୟଗଡା, କୋରାପୁଟ ଏବଂ ମାଲକାନଗିରିକୁ ସଂଯୋଗ କରୁଥିବା ବେଳେ ରାସ୍ତା ବନ୍ଦଯୋଗୁ ଶତାଧିକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ପରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନେତୃତ୍ୱରେ ଅଞ୍ଚଳବାସୀ ବହୁ ଚେଷ୍ଟା କରି ରାସ୍ତା ଉପରୁ ଗଛକୁ ହଟାଇଥିଲେ। ୫ ଘଣ୍ଟା ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧ ଦିବସ

କାଶୀନଗର,୧୯।୮ (ସମିସ): ଗଜପତି ଜିଲ୍ଲା କାଶୀନଗରସ୍ଥିତ ଶ୍ରୀରାମ ଜୁନିଅର କଲେଜ ଓ ଶ୍ରୀରାମ ଡିଗ୍ରୀ କଲେଜର ପ୍ରତିଷ୍ଠାତା ରଘୁନାଥ ସାହୁଙ୍କ ୩୫ ତମ ଶ୍ରାଦ୍ଧ ଦିବସରେ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଥିଲା। ଡିଗ୍ରୀ କଲେଜରେ ଅଧକ୍ଷ ଡ. ପ୍ରଶାନ୍ତ ବନପାଲିଙ୍କ ଅଧକ୍ଷତାରେ କଲେଜ ସଭା ଗୃହରେ କାର୍ଯ୍ୟକ୍ରମ ହୋଇଥିବା ବେଳେ କଲେଜ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେହିପରି ଶ୍ରୀରାମ ଜୁନିୟର କଲେଜ ଅଧକ୍ଷା ସଂଯୁକ୍ତା ପାଢ଼ୀଙ୍କ ସଭାପତିତ୍ୱରେ ସଭା ଗୃହରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀରାମ ଜୁନିଆର କଲେଜରେ ଅନୁଷ୍ଠିତ ସମାରୋହରେ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଏନ୍ଏସି ଅଧକ୍ଷା ଏମ୍. ସୁଧାରାଣୀ ଓ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ରଘୁରାମ ସାହୁ ମଂଚାସୀନ ଥିଲେ। ପ୍ରେସ୍ କ୍ଲବ୍ ଉପଦେଷ୍ଟା କବି ପ୍ରଶାନ୍ତ ମିଶ୍ର, ବଂଶଧାରା ପାଠାଗାର ସଭାପତି ହୃଷୀକେଶ ଗୌଡ଼ , କଲେଜର ପୂର୍ବତନ ଅଧାପକ ସୁରେନ୍ଦ୍ରନାଥ ରଥ ଯୋଗ ଦେଇ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିଥିଲେ। ଆଲୋଚନା ଅବସରରେ ବ୍ରାହ୍ମଣ ସାହି ନିକଟସ୍ଥ ରାମ ମନ୍ଦିର ଠାରୁ ଶ୍ରୀରାମ ଜୁନିଅର କଲେଜ ପର୍ଯ୍ୟନ୍ତ ରାସ୍ତାକୁ ରଘୁନାଥ ସାହୁ ମାର୍ଗ ଓ ଉକ୍ତ ରାମ ମନ୍ଦିର ଠାରୁ ଶ୍ରୀରାମ ଡିଗ୍ରୀ କଲେଜ ପର୍ଯ୍ୟନ୍ତ ରାସ୍ତାକୁ ରଘୁନାଥ ସାହୁଙ୍କ ଧର୍ମପତ୍ନୀ ତଥା ପୂର୍ବତନ କଲେଜ ପରିଚାଳନା କମିଟି ସମ୍ପାଦିକା ପୁଷ୍ପଲତା ସାହୁ ମାର୍ଗ ନାମରେ ନାମିତ କରିବାକୁ ମତ ପ୍ରକାଶ ପାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ରଘୁନାଥ ସାହୁଙ୍କ ପୁତ୍ର ଓ ପୁତ୍ରବଧୂ ଭାସ୍କର ଓ ଭାଗ୍ୟଲକ୍ଷ୍ମୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।



# ହାତୀ ସ୍ଥାନାନ୍ତର ଦାବିରେ ଜି.ଉଦୟଗିରି ଓ କଳିଙ୍ଗା ବନ୍ଦ



### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଓ ବିଡିଓଙ୍କୁ ଦାବିପତ୍ର

ଜି.ଉଦୟଗିରି,୧୯।୮ (ସମିସ):

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ହାତୀ ଆକ୍ରମଣରେ ମନୁଷ୍ୟ ଓ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ଉକ୍ତ ହାତୀକୁ ସ୍ଥାନୀୟ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ୪ ଦଫା ଦାବି ପୂରଣ ପାଇଁ ଅଞ୍ଚଳବାସୀ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରିଥିଲେ। ଜି.ଉଦୟଗିରି ଓ କଳିଙ୍ଗା ବନ୍ଦ ପାଳନ କରାଯାଇଥିବା ବେଳେ ଶାନ୍ତିପୂର୍ଣ୍ଣ ରହିଥିଲା। ବନ୍ଦକୁ ଅଞ୍ଚଳବାସୀ ସମର୍ଥନ କରିଥିଲେ। ଦୋକାନ ବଜାର ବନ୍ଦ ରହିବା ସହ ସରକରୀ ବେସରକାରୀ ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବନ୍ଦ ପାଳନ ବେଳେ ଶତାଧିକ ମହିଳା ପୁରୁଷ ସ୍ଥାନୀୟ ହାଟପଦାଠାରୁ ଏକ ଶୋଭାଯାତ୍ରାରେ ଯାଇ ହିଂସ୍ର ଦନ୍ତା ହାତୀକୁ ଅନ୍ୟତ୍ର ସ୍ଥାନାନ୍ତର, ହାତୀ ଉପଦ୍ରବରେ ପ୍ରଭାବିତ ସମସ୍ତ ଗ୍ରାମରେ ସୋଲାର ଲାଇଟ୍ ଲଗାଇବା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଓ କନ୍ଧମାଳ ଜିଲ୍ଲାରେ ସ୍ଥାୟୀ ରକ୍ଷକ ଦଳ ବା ରାପିଡ୍ ରେସ୍ପନ୍ସ ଟିମ୍ ନିଯୁକ୍ତି ଦାବି କରିଥିଲେ। ଏସମ୍ପର୍କରେ ଏକ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରିଥିଲେ।

ସୂଚନା ଅନୁସାରେ ହାତୀ ଆକ୍ରମଣରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ମାସ ହେଲା ହାତୀ ହିଂସ୍ର ହୋଇ ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି କରୁଛି। ହାତ୍ରୀ ଆକ୍ରମଣରେ ୩ ଜଣ ଗ୍ରାମବାସୀ ଏବଂ ୯ ଗାଈଗୋରୁଙ୍କ ମୃତ୍ୟୁ ହୋଇଛି। ହାତୀ ଆକ୍ରମଣରେ ନୟାନ୍ତ ଅଞ୍ଚଳବାସୀ ହାତୀକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବନ ବିଭାଗ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ହୋଇନାହିଁ। ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ମଙ୍ଗଳବାର ଏକତ୍ର ହୋଇ ଶୋଭାଯାତ୍ରା କରିବା ସହ ବନ୍ଦ ପାଳନ କରିଥିଲେ। ହେଲେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା।

■ ଯନ୍ତ୍ରୀଙ୍କୁ ପରିସ୍ରା ପିଆଇବା ଘଟଣା

## ବଦଳି ପାଇଁ ଜିଲ୍ଲାପାଳଙ୍କୁ କଲେ ଗୁହାରି

ପାରଳାଖେମୁଣ୍ଡି,୧୯ ।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ପରିସ୍ରା ପିଆଇବା ଘଟଣାର ପୀଡ଼ିତ ଯନ୍ତ୍ରୀ ସଚିନ କୁମାର ଗୌଡ଼ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ସହ ହୋଇଥିବା ଘଟଣା ବିଷୟରେ ଲିଖିତ ଭାବେ ଜଣାଇଛନ୍ତି। ଏପରିକି ପୂର୍ବରୁ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବି କୌଣସି ସୁଫଳ ମିଳିନଥିବା ଦର୍ଶାଇଛନ୍ତି। ତାଙ୍କ ସହ ହୋଇଥିବା ଘଟଣା ବିଷୟରେ ନ୍ୟାୟ ପାଇଁ ପ୍ରଥମେ ବିଭାଗ ପରେ ପୁଲିସ୍‌ର ଦ୍ୱାରସ୍ଥ ହେବାପରେ ମଧ୍ୟ କୌଣସି ନ୍ୟାୟ ପାଇ ନଥିବାରୁ ସେ ବର୍ତ୍ତମାନ ଆର୍.ଉଦୟଗିରିରୁ ପାରଳାଖେମୁଣ୍ଡି ସ୍ଥିତ ଡିଭିଜନ କାର୍ଯ୍ୟାଳୟକୁ ବଦଳି ହେବାକୁ ଅନୁରୋଧ କରିଛନ୍ତି। ଏପରିକି ସେ ବର୍ତ୍ତମାନ କାର୍ଯ୍ୟରତ ଆର୍.ଉଦୟଗିରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ସାଙ୍ଗକୁ କିଛି ଅବସରପ୍ରାପ୍ତ କର୍ମଚାରୀ ଓ ଅଣକର୍ମଚାରୀଙ୍କ ଉପସ୍ଥିତି ଯୋଗୁ ତାଙ୍କ ପ୍ରତି ସମସ୍ୟା ସୃଷ୍ଟି ହେବା ସହ ସେ ଅସୁରକ୍ଷିତ ମଣୁଥିବା ଯନ୍ତ୍ରୀ ଶ୍ରୀ ଗୌଡ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

ପ୍ରକାଶ ଯେ ଜୁଲାଇ ୨୩ ରାତିରେ ଆର୍.ଉଦୟଗିରି ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଉପଖଣ୍ଡସ୍ତରୀୟ ସରକାରୀ ବାସଭବନରେ ଜଣେ କର୍ମଚାରୀ ଏକ ଷ୍ଟେନଲେସ୍ ଷ୍ଟିଲ୍ ପାଣି ବୋତଲରେ ପିଇବା ପାଇଁ ପାଣି ଦେଇଥିଲେ। ସେହି ପାଣି ଏସ୍‌ଡିଓ କ୍ୱାର୍ଟରରୁ ଅଣାଯାଇଥିଲା। ଏହାକୁ ପିଇବା ପରେ ଯନ୍ତ୍ରୀ ଶ୍ରୀ ଗୌଡ ଏହା ପାଣି ବଦଳରେ ଆଉ କିଛି ବୋଲି ସନ୍ଦେହ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଦୁଇଜଣ କର୍ମଚାରୀ ମଧ୍ୟ ପାନ କରିଥିଲେ ଏବଂ ଏହାର ସ୍ୱାଦ ଏବଂ ଗୁଣବତ୍ତା ବିଷୟରେ ସନ୍ଦେହ ପ୍ରକାଶ କରିଥିଲେ। ସନ୍ଦେହକୁ ନେଇ ଉକ୍ତ ତରଳ ପଦାର୍ଥକୁ ଏକ ସ୍ୱଚ୍ଛ ବୋତଲରେ ଢଳାଯାଇଥିଲା। ଏହା ସୁରକ୍ଷିତ ପାନୀୟ ଜଳ ନୁହେଁ ବୋଲି ଜଣାପଡିଥିଲା। ଉକ୍ତ ତରଳ ପଦାର୍ଥର ନମୁନାକୁ ଉପବିଭାଗୀୟ ପରୀକ୍ଷାଗାରକୁ ପ୍ରାଥମିକ ପରୀକ୍ଷା ପାଇଁ ଯନ୍ତ୍ରୀ ପଠାଇଥିଲେ। ନମୁନାରୁ ଆମୋନିଆ ଘନତା ୨ ମିଗ୍ରା/ଲିଟରରୁ ଅଧିକ ଥିଲା, ଯାହା ଗୁରୁତର ପ୍ରଦୂଷଣକୁ ସୂଚିତ କରୁଥିବା ଜଣାପଡିଥିଲା।

**ଆର୍.ଉଦୟଗିରି କାର୍ଯ୍ୟାଳୟରେ ସମସ୍ୟା ସୃଷ୍ଟି କରୁଛନ୍ତି ଅବସରପ୍ରାପ୍ତ କର୍ମଚାରୀ**

## ବସ୍-ବାଇକ ମୁହାଁମୁହିଁ; ୩ ଗୁରୁତର

ମୋହନା, ୧୯।୮ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ରାମଗଡ଼ ବୁଲାଣିରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଉମରକୋଟ ଯାଉଥିବା କମଧେନୁ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ମୋହନା ଥାନା ଝାଟିକା ସାହି ଗ୍ରାମର ରବି ମଳିକ (୨୬) ଏବଂ ଡେଙ୍ଗାଆମ୍ବ ଗ୍ରାମର ଶୁଭେନ୍ଦ୍ର ମଳିକ (୧୧) ଓ କୁଇହୁରୁ ଗ୍ରାମର ରାଜକିଶୋର ମଳିକ(୨୫) ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ମୋହନାରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯିବା ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୋହନା ପୁଲିସ ଦୁର୍ଘଟଣା ଘଟାଇଥିବା ବସ୍ ଏବଂ ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

## ଆସୁଛି ଗଣେଶ ପୂଜା; ଚଳଚଞ୍ଚଳ ପୁରପଲ୍ଲୀ



ଶେରଗଡ଼, ୧୯ ।୮ (ସମିସ): ଚଳିତ ମାସ ୨୭ରେ ଗଣେଶ ପୂଜା। ଏବେଠୁ ସଜେଇ ହେଲାଣି ପୁରପଲ୍ଲୀ। ବିଭିନ୍ନସ୍ଥାନରେ ଟେଣ୍ଟ ଭିଡ଼ା କାମ ଆରମ୍ଭ ହୋଇଥିବାବେଳେ ମୂର୍ତ୍ତି ଗଢ଼ା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। କେବଳ କାରିଗର ଶେଷ ସ୍ପର୍ଶକୁ ଅପେକ୍ଷା। ପୂଜାକୁ ଧୂମଧାମରେ ପାଳନ କରିବା ଲାଗି ବିଭିନ୍ନ କମିଟିର ସଦସ୍ୟ ମାନେ ଦିନରାତି ଏକ କରି ଦେଇଛନ୍ତି। ଶେରଗଡ଼ ବ୍ଲକରେ ବିଘ୍ନରାଜଙ୍କ ପୂଜା ଧୂମଧାମରେ ପାଳନ ହୋଇଥାଏ। ଚଳିତ ବର୍ଷ ମଧ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ସବୁ କମିଟି ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଜାରି ରହିଛି।

## ଛାତ୍ରଛାତ୍ରୀଙ୍କ ମାଗଣା ଚକ୍ଷୁ ପରୀକ୍ଷା

ପୋଲସରା, ୧୯ ।୮ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ଓ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୋଛାବାଡି ଓ ପରେ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରେ ମୋଟ ୩୦୨ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ଚଷମା ପ୍ରଦାନ କରିବାକୁ ଚିହ୍ନଟ କରାଯାଇଥିବା ବେଳେ ୫ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସମସ୍ୟା ଥିବା ଜଣାପଡ଼ିଥିବାରୁ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ଜିଲ୍ଲା ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। କାର୍ଯ୍ୟକ୍ରମରେ ଡଃ ସିଲାଇ ସୀତାରାମ, ଚକ୍ଷୁ ବିଶେଷଜ୍ଞ ଡଃ ଏ. ନାଗେଶ୍ୱର ରାଓ ଆଚାରୀ ଓ ସୃଷ୍ଟି ସାହୁ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଛାବାଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରମୋହନ ଗୌଡ଼, ଚିରିକିପଡ଼ା ଶାସନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଲୁ ବେହେରା ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ବଳ ଶିକ୍ଷକ ଉପେନ୍ଦ୍ର କୁମାର ସେଠୀ ଓ କମଳିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଅନ୍ତର୍ନିଦେଶୀ ଶିକ୍ଷା ସ୍ୱେଚ୍ଛାସେବୀ, ସିଆରସିସି ଉଭୟ ବିଦ୍ୟାଳୟ ପରିଚାଳନା କମିଟି ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଖଡ଼ିରତ୍ନଙ୍କ ସ୍ମୃତିରେ ମେଗା ସ୍ୱାସ୍ଥ୍ୟ ଶିବିର

ରମ୍ଭା, ୧୯ ।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତ ଆର୍ ବିଞ୍ଝଣାପଲ୍ଲୀରେ ଖଡିରତ୍ନ ସନାତନ ସ୍ମୃତି ଟ୍ରଷ୍ଟ, ଶ୍ରୀହରି ମେଡିକାଲ ଷ୍ଟୋର ବ୍ରହ୍ମପୁର ଓ ଚଉଦଦେଶ କର୍ମଚାରୀ ସେବା ସଂଘ ରମ୍ଭାର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନକୁ ମତ୍ସ୍ୟ ଉପନିର୍ଦ୍ଦେଶକ ବ୍ରହ୍ମପୁରର ସୁରେଶ୍ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିଲିକା ମତ୍ସ୍ୟଜୀବୀ ମହିଳା ସଂଘର ସଭାନେତ୍ରୀ ମୀନା କୁମାରୀ ତାହଲ, ସମ୍ମାନୀତ ଅତିଥି ଭାବେ ଚଉଦଦେଶ କର୍ମଚାରୀ ସେବା ସଂଘର ସଭାପତି ପ୍ରହଲ୍ଲାଦ ବେହେରା, ସୁରେନ୍ଦ୍ର ବେହେରା, ଦିଲ୍ଲୀପ ବେହେରା, ମୃତ୍ୟୁଞ୍ଜୟ ବେହେରା, ଚିତ୍ରସେନ ଦାସ ଓ ଖଡ଼ିରତ୍ନ ସନାତନ ସ୍ମୃତି ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ମତପୋଷଣ କରିଥିଲେ। ଏହି ଶିବିରକୁ କୃଷ୍ଣପ୍ରସାଦ ପାରିକୁଦ ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନ୍ତୋଷ କୁମାର ବେହେରା ଓ ବ୍ରହ୍ମପୁରର ଚକ୍ଷୁ ଡାକ୍ତର ରାଜେନ୍ଦ୍ର କୁମାର ବେହେରା, ସ୍ୱାସ୍ଥ୍ୟ କର୍ମଚାରୀ କୃପାସିନ୍ଧୁ ବେହେରା, ଶୁଭେନ୍ଦୁ ପଟ୍ଟନାୟକ ଓ ଅଙ୍ଗନବାଡ଼ି କର୍ମୀ ଆରତୀ ପ୍ରଧାନ, ଆଶାକର୍ମୀ ଶାନ୍ତିଲତା ନାହାକ ଉପସ୍ଥିତ ରହି ପ୍ରାୟ ୮୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱପ୍ରଶିକ୍ଷଣ ତାଲିମ କେନ୍ଦ୍ରର ଶିକ୍ଷକ ବିଶ୍ୱନାଥ ବେହେରା, ବିନୋଦ ବେହେରା ଓ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ମୋଚିରାମ ବେହେରା, ସୀମାଞ୍ଚଳ ବେହେରା, ଦୁଃଖିଶ୍ୟାମ ବେହେରା, ଭିକୁ ଚରଣ ବେହେରା ସହଯୋଗ କରିଥିଲେ।

### ମାନବ ଚାଲାଣ ରୋକିଲା ବେଲଗୁଣ୍ଠା ପୁଲିସ

# ରାଉରକେଲାରୁ ନାବାଳିକା ଉଦ୍ଧାର; ୨ ଗିରଫ

ବେଲଗୁଣ୍ଠା, ୧୯।୮ (ସମିସ)



ମାନବ ଚାଲାଣ କରୁଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି ବେଲଗୁଣ୍ଠା ପୁଲିସ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୁଚନା ଅନୁସାରେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟସ୍ଥ ନବରଙ୍ଗପୁର ଗ୍ରାମର ଜଣେ ନାବାଳିକା ବେଲଗୁଣ୍ଠା ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ସେହି କଲେଜ୍‌ରେ ଆସିକା ଥାନା ଅନ୍ତର୍ଗତ ଅସୁରେଇପଲ୍ଲି ଗ୍ରାମର ଗ୍ୟାରେଜ୍ କରିଥିବା କାହ୍ନୁ ଚରଣ ରାଉତଙ୍କ ପତ୍ନୀ ପ୍ରଭାସିନୀ ରାଉତ ନାମକ ଜଣେ ବିବାହିତା ମହିଳା ମଧ ନାମ ଲେଖାଇଥିଲେ। ଗୋଟିଏ କଲେଜରେ ପଢ଼ିବା ଯୋଗୁଁ ଦୁହେଁ ପରସ୍ପରର ବାନ୍ଧବୀ ପାଲଟିଥିଲେ ଏବଂ ବନ୍ଧୁତା ନିବିଡ ହେବା ସହିତ ନାବାଳିକା ଜଣକ ପ୍ରଭାସିନୀକୁ ନିଜ ଘରକୁ ମଧ ବେଳେ ବେଳେ ନେଉଥିଲେ। ଏହା ମଧ୍ୟରେ ପ୍ରଭାସିନୀଙ୍କ ସ୍ୱାମୀ କାହ୍ନୁଙ୍କ ସହିତ ନାବାଳିକାଙ୍କ କଥାବାର୍ତ୍ତା ମଧ ହେଉଥିଲା। ଏହାରି ମଧ୍ୟରେ କାହ୍ନୁ ଅଜାଣତରେ ତା ସ୍ତ୍ରୀ ପ୍ରଭାସିନୀଙ୍କ ଗ୍ୟାରେଜ୍‌ରେ କାମ କରୁଥିବା ଜଣେ ଯୁବକ ପପୁ ସହିତ ସମ୍ପର୍କ ବୃଦ୍ଧି କରିଥିଲା। ଏହା କାହ୍ନୁ ଜାଣିବା ପରେ ପ୍ରଭାସିନୀ ଓ କାହ୍ନୁ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାର ସୁଯୋଗରେ କାହ୍ନୁ ଜନୈକ ନାବାଳିକାକୁ ଭାବପ୍ରବଣ ହୋଇ ତାଙ୍କୁ ଭଲ ପାଉଛନ୍ତି ବୋଲି କହି ବିବାହ ପ୍ରସ୍ତାବ ମଧ ଦେଇଥିଲେ। ଏଥି ସହିତ କାହ୍ନୁ ପ୍ରଭାସିନୀଙ୍କୁ ଛାଡ଼ପତ୍ର ଦେଲା ପରେ ପପୁ ସହିତ ପ୍ରଭାସିନୀ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ନାବାଳିକା ଜଣକ କାହ୍ନୁର ପ୍ରସ୍ତାବରେ ରାଜି ହୋଇଗଲେ। ପରେ ଗତ ୧୪ ତାରିଖ ଦିନ ପ୍ରଭାସିନୀ ଓ କାହ୍ନୁ ନାବାଳିକାକୁ ନିଜ ଘରକୁ ଡାକିଥିଲେ। ସେ ଘରେ କଲେଜ ଯାଉଛି କହି, ବସ୍‌ରେ ପଳେଇ ଯାଇଥିଲେ। ସେଠାରେ କାହ୍ନୁ ଓ ପ୍ରଭାସିନୀ ପ୍ରଥମେ ବ୍ରହ୍ମପୁର ପରେ ଆସିକା ଯାଇ ସେଠାରୁ ବସ୍‌ରେ ରାଉରକେଲା କାହ୍ନୁର ଭଉଣୀ ଘରକୁ ଯାଇଥିଲେ। କିନ୍ତୁ ସେ ଜାଣିବାକୁ ପାଇଥିଲେ କାହ୍ନୁ ପୂର୍ବରୁ ବିବାହିତ ଓ ୫ ବର୍ଷର ପୁଅଟିଏ ଅଛି। ପୁଣି ପ୍ରଥମ ସ୍ତ୍ରୀକୁ ଛାଡି ଏବେ ପ୍ରଭାସିନୀ ସହିତ ରହୁଛି। ସେପରି ପ୍ରଭାସିନୀ ମଧ ପ୍ରଥମ ସ୍ୱାମୀକୁ ଛାଡ଼ି କାହ୍ନୁ ସହିତ ରହୁଛି। ଠକାମୀର ଶିକାର ହେବା ଜାଣିବା ପରେ ସମସ୍ତ ବିଷୟ ନିଜ ପରିବାରକୁ ଫୋନ୍ ଦ୍ୱାରା ଜଣାଇଥିଲେ। ପରିବାର ଲୋକେ ବେଲଗୁଣ୍ଠା ଥାନାରେ ଆସି ଅଭିଯୋଗ କରିଥିଲେ। ବେଲଗୁଣ୍ଠା ପୁଲିସ ମାମଲା ରୁଜୁ କରି ପରିବାର ସହିତ ରାଉରକେଲା ଗସ୍ତ କରି ସେକ୍ଟର ୧୬ ସାମ୍ନା ଏକ ବସ୍ତିରୁ ନାବାଳିକାକୁ ଉଦ୍ଧାର କରିଥିଲେ। କାହ୍ନୁ ଓ ପ୍ରଭାସିନୀ ମାନବ ଚାଲାଣରେ ସମ୍ପୃକ୍ତ ଏବଂ ନାବାଳିକାକୁ ଚାଲାଣ କରି ଦେହ ବ୍ୟବସାୟରେ ସମ୍ପୃକ୍ତ କରାଇବାକୁ ଯୋଜନା କରୁଥିବା ପୁଲିସ୍ ସୂତ୍ରରୁ ପ୍ରକାଶ। ନାବାଳିକାର ବୟାନ ଅନୁସାରେ, ବେଲଗୁଣ୍ଠା ପୁଲିସ କାହ୍ନୁ ଓ ପ୍ରଭାସିନୀକୁ ଗିରଫ ପରି ଆଜି କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଭାର ଏସ୍‌ଆଇ ଅଭୟ କୁମାର ପ୍ରଧାନ ନେଇଥିବା ବେଳେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ନେଇ ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉ କି, ପ୍ରଭାସିନୀ ଓ ଉକ୍ତ ନାବାଳିକା ଓ କାହ୍ନୁ ବେଲଗୁଣ୍ଠା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ନିକଟରେ ଗତ କିଛିଦିନ ତଳେ ପିଟାପିଟି ହେଉଥିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଖବର ପାଇ ବେଲଗୁଣ୍ଠା ପୁଲିସ ପହଞ୍ଚିବା ପରେ ଏହା ଆମର ପାରିବାରିକ ଓ ବ୍ୟକ୍ତିଗତ ମାମଲା କହି ଏଡ଼ାଇ ଦେଇଥିଲେ।

## ମାଓ ହିଂସାରେ ଗିରଫ ଶିକ୍ଷକଙ୍କ ଭଣଜା କହିଲେ 'ମାମୁଁ ନିର୍ଦ୍ଦୋଷ'

ପାରଳାଖେମୁଣ୍ଡି, ୧୯।୮ (ସମିସ): ଗଜପତି ଜିଲ୍ଲା ଅଡବା ପୁଲିସ୍ ଆଲିଗଣ୍ଡା ଗ୍ରାମର ତଥା ନୂଆଁଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ ନାୟକଙ୍କୁ ମାଓ ହିଂସାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରେ ତାଙ୍କୁ ଆର୍.ଉଦୟଗିରି ଜେଲକୁ ପଠାଯାଇଥିଲା। ଆଜି ଗିରଫ ଶିକ୍ଷକ ପ୍ରତାପଙ୍କ ଭଣଜା ମନୁ ମଲ୍ଲିକ ପୁଲିସ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ମୋ ମାମୁଁ ଘରେ ଥିବା ବେଳେ ସାଧା ପୋଷାକରେ କିଛି ପୁଲିସ୍ ୦୭ ଅଗଷ୍ଟ ୨୦୨୫ ସନ୍ଧ୍ୟାରେ ଆସି ଥାନାରେ ଦସ୍ତଖତ କରିବାକୁ ଡାକି ନେଇଥିଲେ। ରାତ୍ର ପର୍ଯ୍ୟନ୍ତ ମାମୁଁ ଘରକୁ ଫେରିନଥିଲେ। ତହିଁ ପରଦିନ ଆମ ପରିବାର ମାମୁଁ ଆର୍.ଉଦୟଗିରି ଅଦାଲତରେ ଅଛନ୍ତି ବୋଲି ପୁଲିସଠାରୁ ସୂଚନା ପାଇ ସେଠାରେ ଭେଟିଲୁ। ତାଙ୍କୁ ମାଓ ମାମଲାରେ ଫସାଯାଇଛି ଏବଂ ମୁକୁଳାଇବା ପାଇଁ କାନ୍ଦି କାନ୍ଦି ପ୍ରକାଶ କରିଥିଲେ। ଅଡବା ପୁଲିସ ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଘଟିଥିବା ୨ଟି ହିଂସାକାଣ୍ଡରେ ମାମୁଁ ଯଦି ସମ୍ପୃକ୍ତ ପୁଲିସ୍ କରୁଥିଲା କ'ଣ ବୋଲି ମନୁ ପ୍ରଶ୍ନ କରିଛନ୍ତି। ମାମୁଁଙ୍କ ନାମରେ ମାମଲା ଯଦି ରୁଜୁ ହୋଇଥିଲା କାହିଁକି ଅଦାଲତରୁ ସମନ ଆସୁନଥିଲା। ହଠାତ୍ ଏନ୍‌ବିଡବ୍ଲ୍ୟୁ ମାମୁଁଙ୍କ ଘରକୁ ନଆସି ପୁଲିସ୍‌କୁ ଆସିଲା କିପରି।

ନାସିବ ଓରଫ ପ୍ରତାପ ନାୟକ ବୋଲି ଜଣେ ବ୍ୟକ୍ତି ଆଲିଗଣ୍ଡା ଗ୍ରାମରେ ରୁହନ୍ତି। ଯିଏକି ଜଣେ ଆତ୍ମସମର୍ପଣ କରିଥିବା ମାଓବାଦୀ। କିନ୍ତୁ ନାସିବ ବଦଳରେ ମୋ ମାମୁଁଙ୍କୁ ଗିରଫ କରିଛି ପୁଲିସ। ମୋ ମାମୁଁଙ୍କ ଗିରଫଦାରୀ ଶିକ୍ଷା ବିଭାଗ ପାଇଁ ଏକ ଅପମାନ। ସେ ନିର୍ଦ୍ଦୋଶ ଥିବାରୁ ଆମେ ଶିକ୍ଷା ବିଭାଗକୁ ଅନୁରୋଧ କରୁଛୁ ଏହାର ସଠିକ୍ ତଦନ୍ତ କରି ମୋ ମାମୁଁଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଗଣମାଧ୍ୟମରେ ସୂଚନା ଦେବା ପରେ ଆମେ ସୂଚନା ଅଧିକାର ଆଇନ ବଳରେ ଏହି ଘଟଣା ବିଷୟରେ ଜାଣିବାକୁ ଆବେଦନ କରିଛୁ। କେଉଁମାନେ ୨୦୧୩-୧୪ ମସିହାରେ ଆତ୍ମସମର୍ପଣ କରିଛନ୍ତି। ଆଗାମୀ ଦିନରେ ପୁଲିସ ପ୍ରଶାସନ ଦ୍ୱାରା ଯଦି ସଠିକ୍ ତଦନ୍ତ ନ କରାଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଆର୍.ଉଦୟଗିରି ଏସଡିପିଓ ସୁରେଶ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ଗଜପତି ଆରକ୍ଷୀ ଅଧୀକ୍ଷକ ଅଡବା ଥାନା ଅଧିକାରୀଙ୍କୁ ଏକ ବିସ୍ତୃତ ତଥ୍ୟ ଏହି ଘଟଣାର ମାଗିଛନ୍ତି ଏବଂ ସେ ନିଜେ ଏହି ଘଟଣା ଉପରେ ନଜର ରଖିଛନ୍ତି।

## ଭୀଷ୍ମଗିରୀ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

ଦିଗପହଣ୍ଡି, ୧୯।୮ (ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗୀରି ସରପଞ୍ଚ ଗାୟତ୍ରୀ ବ୍ରହ୍ମାଙ୍କ ବିରୋଧରେ ୱାର୍ଡସଭ୍ୟା/ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ମଙ୍ଗଳବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଆଦର୍ଶ ଗ୍ରାମ ଭାବରେ ପରିଚିତ ଥିବା ଏକମାତ୍ର ଗ୍ରାମକୁ ନେଇ ଗଠିତ ହୋଇଥିବା ଭୀଷ୍ମଗିରୀ ପଞ୍ଚାୟତ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ମନ୍ଥରତା ଏବଂ ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟାକୁ ସମାଧାନ ଦିଗରେ ସରପଞ୍ଚଙ୍କ କୌଣସି ସହଯୋଗ ପାଇ ଆସୁନଥିବା ନେଇ ପୂର୍ବରୁ ଜନସାଧାରଣଙ୍କ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା।

ପଞ୍ଚାୟତରେ କୌଣସି କାର୍ଯ୍ୟରେ ସରପଞ୍ଚ ୱାର୍ଡ ସଦସ୍ୟଙ୍କୁ ଅବଗତ କରାଉନଥିବା ଫଳରେ ୧୬ ଜଣ ୱାର୍ଡ଼ ସଭ୍ୟା ସଭ୍ୟ ମଧ୍ୟରୁ ୧୩ ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କୁ ଦରଖାସ୍ତ ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡସଭ୍ୟ ତମାଳ ଗୌଡ଼, ଟୁକୁନା ଗୌଡ଼, ଅଜୟ ପଣ୍ଡା, ଗୀତାଞ୍ଜଳି ରାଉତ, ରୀତା ନାୟକ, ବେଣୁ ମାଧବ ବକ୍ସି, ଅମୂଲ୍ୟ ଦାସ, ବି. ଚନ୍ଦ୍ରମଣି ନାୟକ, ମୁନା ସେଠୀ, ବି. ଲବ କୁମାର ପୃଷ୍ଟି, ସସ୍ମିତା ଗୌଡ଼, ସୀତା ସାହୁ ଏବଂ ବି. ଅଗାଡି ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ସରପଞ୍ଚଙ୍କୁ ପଚାରିବାରୁ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ନାଁ ରେ ଅଭିଯୋଗ କରାଯାଇଛି। ନିର୍ଦ୍ଧାରିତ ସମୟରେ ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ ପଞ୍ଚାୟତରେ ଚାଲିଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ମହାବିଦ୍ୟାଳୟ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ପାତ୍ରପୁର, ୧୯ ।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ଭରତ ପତି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଛନ୍ତି। ଅଧ୍ୟାପକ ଓ କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ନଦେଇ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ଅଧ୍ୟାପକ ଓ କର୍ମଚାରୀ ମାନେ ଏଥିରେ ସାମିଲ ଅଛନ୍ତି। ସଂଘର ଆନ୍ଦୋଳନ ଡ଼ାକରାକୁ ସମର୍ଥନ ଜଣାଇ ପାତ୍ରପୁର ବ୍ଲକ କୋଡ଼ିନେଟର ବଳରାମ ମହାପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି। ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ଅନ୍ତର୍ଭୁକ୍ତ ଦାବି ହୋଇଛି। ସଂଘର ନିଷ୍ପତ୍ତି ଅନୁଯାୟୀ ସରକାରଙ୍କ ପକ୍ଷରୁ ଦାବି ପୂରଣ ନହେଲେ ଉକ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାତ୍ରପୁର ବ୍ଲକ କୋର୍ଡ଼ିନେଟର ବଳରାମ ମହାପାତ୍ର ସୂଚନା ଦେଇଛନ୍ତି।

## କାର୍‌ରୁ ୩ ଖଣ୍ଡା ଜବତ; ଦୁର୍ବୃତ୍ତ ଚମ୍ପଟ

ବ୍ରହ୍ମପୁର, ୧୯।୮ (ସମିସ): ଆଙ୍କୁଲି ବାଇପାସ୍ ନିକଟରେ ଏକ କାର୍‌ରୁ ୩ଟି ଖଣ୍ଡା ଜବତ କରିଛି ଲାଞ୍ଜିପଲ୍ଲୀ ଫାଣ୍ଡି ପୁଲିସ। ଏହି ଗାଡ଼ିରେ ଛତ୍ରପୁର ଅଞ୍ଚଳର କିଛି ଯୁବକ ବନ୍ଧୁକ ଓ ଖଣ୍ଡା ଧରି ଗତକାଲି ରାତିରେ ବିଜିପୁର ଅଞ୍ଚଳରେ ଜଣେ ଯୁବକକୁ ମାରପିଟ କରିଥିଲେ ବୋଲି ସୂଚନା ରହିଛି। ସମ୍ପୃକ୍ତ ଯୁବକମାନେ କାହାକୁ ଜୀବନରୁ ମାରିଦେବାକୁ ଯୋଜନା କରିଥିବା ହେତୁ ଉକ୍ତ ଗାଡ଼ିରେ ଖଣ୍ଡା ରହିଥିବା ପୁଲିସ ସନ୍ଦେହ କରୁଛି। ଆଜି ପାଟ୍ରୋଲିଂ ବେଳେ ବୈଦ୍ୟନାଥପୁର ଥାନା ପୁଲିସ ଉକ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ସେପଟେ ଗାଡ଼ି ଛାଡ଼ି ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ସମ୍ପୃକ ଯୁବକମାନେ ବ୍ରାଉନ୍‌ସୁଗର କାରବାରରେ ଲିପ୍ତ ରହିଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଲଣ୍ଡା ହୋଇଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ କରିଛି ପୁଲିସ। ସୀମାଞ୍ଚଳରୁ ଲଣ୍ଡା ହୋଇ ଆସିଥିବା ପୁଲିସ ତଦନ୍ତରେ ଜାଣିବାକୁ ପାଇଛି।

## +୨ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା, ୧୯ ।୮ (ସମିସ): ପୋଲସରା ବ୍ଲକ ଚିରିକିପଡ଼ା ଶାସନ ପଞ୍ଚାୟତର ନରସିଂହପଲ୍ଲୀ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଦିଲ୍ଲୀପ କୁମାର ନାୟକ, ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ପରମଗୁରୁ ଓ ଅଧ୍ୟାପକ ଶିଶିରକାନ୍ତ ବିଷୋୟୀ, ବୁଗୁଡ଼ା ପିପୁଲସ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପୁରୁଷୋତ୍ତମ ମିଶ୍ର ଓ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ବର୍ତ୍ତନୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ବିମଳ କୁମାର ପାଣିଗ୍ରାହୀ ଓ ଅଧ୍ୟାପିକା ରଶ୍ମିତା କୁମାରୀ ପାଣିଗ୍ରାହୀ ଯୋଗଦେଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଉଚିତ ଶିକ୍ଷା ଗ୍ରହଣ କରି ସମାଜରେ ଭଲ ମଣିଷଟିଏ ହେବାପାଇଁ ପରାମର୍ଶ ଦେଇଥିଲେ। ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଦାୟିତ୍ୱ ଅଧ୍ୟାପିକା ସରିତା କୁମାରୀ ସାହୁ ଗ୍ରହଣ କରିଥିବା ବେଳେ ଅଧ୍ୟାପିକା ବର୍ଷା ରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ମାଝୀ, ପୂଜାରାଣୀ ସାହୁ, ଆରତୀ ପ୍ରଧାନ, ଟିକିନା ପାତ୍ର, ସୁପ୍ରିୟା ପାଣିଗ୍ରାହୀ, ଅଧ୍ୟାପକ ଶିବ ପ୍ରସାଦ ମିଶ୍ର ଓ ଡିଇଓ ଶୁଭଶ୍ରୀ ଶତପଥୀ ସମେତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

## ଧାରଣାରେ ରାଜସ୍ୱ ଅମଲା କର୍ମଚାରୀ ସଂଘ



ବୁଗୁଡା, ୧୯ ।୮ (ସମିସ): ୧୦ ଦଫା ଦାବି ନେଇ ରାଜ୍ୟ ଅମଲା ସଂଘ ଗତ ୧୧ତାରିଖ ଦିନଠୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇ ଆସୁଥିବା ବେଳେ ବୁଗୁଡା ତହସିଲ କାର୍ଯ୍ୟାଳୟର ୧୦, ଆଇସିଡିଏସ କାର୍ଯ୍ୟାଳୟର ୨ ଓ ବ୍ଲକ କାର୍ଯ୍ୟାଳୟର ୩ ଜଣ ଅମଲା ବ୍ରହ୍ମପୁର ସବକଲେକ୍ଟର ଅଫିସ୍ ପ୍ରାଙ୍ଗଣରେ ସଂଘର ଅନ୍ୟ ଅମଲାଙ୍କ ସହିତ ଧାରଣା ଦେଇ ଆସୁଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ଯାଏଁ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଂଘ ଚେତାବନୀ ଦେଇଛି। ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବିଭାଗୀୟ କାମ ଏକ ପ୍ରକାର ଅଚଳ ହୋଇପଡ଼ିଛି।

## ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ସାନଖେମୁଣ୍ଡି, ୧୯ ।୮ (ସମିସ): ବିଶ୍ୱ ଫୋଟଗ୍ରାଫି ଦିବସ ଅବସରରେ ଖେମୁଣ୍ଡି ଫୋଟ ଗ୍ରାଫର 'ଲେଫର୍ ଆସୋସେସନ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫୋଟଗ୍ରାଫି ଦିବସ ପାଳିତ ହୋଇଯାଇଛି। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ସମସ୍ତ ଫୋଟଗ୍ରାଫର ଭାଇମାନେ ଏକତ୍ରିତ ହୋଇ ପ୍ଲାକାର୍ଡ ଧରି ଦିଗପହଣ୍ଡି ସହର ଏବଂ ସାନଖେମୁଣ୍ଡିର ଗାନ୍ଧିଛକ ଠାରୁ କଲେଜ ପର୍ଯ୍ୟନ୍ତ ବାଇକ୍ ରାଲି କରିଥିଲେ। ୧୨୦ରୁ ଉର୍ଦ୍ଧ୍ୱ ଫୋଟଗ୍ରାଫର ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଖେମୁଣ୍ଡି ଫଟୋଗ୍ରାଫର 'ଲେଫର୍ ଆସୋସେସନ ଚାରି ଟେବୁଲ୍ ଟ୍ରଷ୍ଟର ଉପଦେଷ୍ଟା ସୀମାଞ୍ଚଳ ବେହେରା, ସୁବୋଧ ସ୍ୱାଇଁ, ସଭାପତି ବି. ସନ୍ତୋଷ କୁମାର ଆଚାରି, ସମ୍ପାଦକ ସୁଶାନ୍ତ ବାଡତ୍ୟାଙ୍କ ସମେତ ସାନଖେମୁଣ୍ଡି ଓ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଫୋଟଗ୍ରାଫର ଉପସ୍ଥିତ ଥିଲେ।



### ଅପେକ୍ଷାରେ ବିତିଲାଣି ୧୫ ବର୍ଷ

# ଶେରଗଡ଼କୁ ଏନ୍‌ଏସି ମାନ୍ୟତା କେବେ

ଶେରଗଡ଼, ୧୯ ।୮ (ସମିସ)

୨୦୨୪ ଫେବୃଆରୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ନୂତନ ୩୪ଟି ଏନ୍‌ଏସି ବା ବିଜ୍ଞାପିତ ଅଞ୍ଚଳ ପରିଷଦର ନାମ ଘୋଷଣା କରିଥିଲେ। ସେଥିରେ ଗଞ୍ଜାମ ଜିଲ୍ଲାର ଶେରଗଡ଼ ଅନ୍ତର୍ଭୁକ୍ତ ଥିଲା। ଶେରଗଡ଼ ବ୍ଲକର ମୁଖ୍ୟ କେନ୍ଦ୍ର ଶେରଗଡ଼ ସହରକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ଶେରଗଡ଼ବାସୀ ଖୁସି ଥିଲେ। ଶନିବାର ରାଜ୍ୟ ସରକାର ନୂତନ ଭାବେ୧୨ଟି ଏନଏସି ଲାଗି ବିଧିବଦ୍ଧ ଭାବେ ଘୋଷଣା କରିବା ପରେ ପୁଣି କ୍ଷଣିକ ପରେ ସେମାନଙ୍କ ଖୁସି ପାଣି ଫୋଟକା ପରି ମିଳେଇଗଲା। କିନ୍ତୁ ବିଜେଡି ସରକାର କ୍ଷମତାରୁ ଯିବା ପରେ ଜଣାପଡ଼ିଲା ଶେରଗଡ଼କୁ ଏନଏସି କରିବା ଲାଗି କୌଣସି ପ୍ରକ୍ରିୟା ଆରମ୍ଭ ହୋଇନଥିଲା। ତେଣୁ ଡବଲ ଇଞ୍ଜିନ ସରକାରଙ୍କ ପ୍ରତି ଆସିଛି ଶେରଗଡ଼ବାସୀଙ୍କ ଆସିଛି ତୀବ୍ର ଅସନ୍ତୋଷ। ସେଥିଲାଗି ଶେରଗଡ଼ବାସୀଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି, କେବେ ମିଳିବ ଶେରଗଡ଼କୁ ଏନଏସି ମାନ୍ୟତା ? ବାସ୍ତବରେ ଏହା ଶେରଗଡ଼ବାସୀଙ୍କ ଲାଗି ବୋଧେ ଧୂଆଁବାଣ ଥିଲା। ଗତ ନିର୍ବାଚନରେ ଯେଉଁ ନାରା ଦେଇ ଶାସକ ଦଳ ନିର୍ବାଚନ ବୈତରଣୀ ପାର ହୋଇ ଜିତାପଟ ହାସଲ କରିଥିଲା, ସେହି ପ୍ରତିଶ୍ରୁତି କୁଆଡେ ଗଲା, ଏହାର ଉତ୍ତର କିଏ ଶେରଗଡ଼ବାସୀଙ୍କୁ କିଏ ଦେବ ବୋଲି ପ୍ରଶ୍ନ ଉଠୁଛି। ଏହାକୁ ନେଇ ଶେରଗଡ଼ରେ ରାଜନୈତିକ ସ୍ଥିତି ସରଗରମ ହେବାରେ ଲାଗିଛି। ଶେରଗଡ଼କୁ ଏନଏସି ମାନ୍ୟତା ଦାବି ଆଜିର ନୁହେଁ, ବିଗତ ୧୫ ବର୍ଷ ଧରି ଶେରଗଡ଼ବାସୀ ଦାବି କରି ଆସୁଛନ୍ତି। ଏନଏସି ମାନ୍ୟତା ପାଇବା ଦ୍ୱାରା ଶେରଗଡ଼କୁ ଅଧିକ ପ୍ରଶାସନିକ ଓ ଆର୍ଥିକ ସହାୟତା ମିଳିପାରିବ, ଯାହା ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି, ହିଞ୍ଜିଳି ବିଧାନସଭା ଆସନରେ ଶେରଗଡ଼ ବ୍ଲକର ଭୋଟ ନିର୍ଣ୍ଣାୟକ ଭୂମିକା ନେଇଥାଏ। ଏଠାରେ ଯେଉଁ ଦଳ ଅଧିକ ଭୋଟ ପାଇଥାଏ ସେହି ଦଳର ପ୍ରାର୍ଥୀ ବିଜୟ ଲାଭ କରିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ ଯେହେତୁ, ଶେରଗଡ଼ ବ୍ଲକର ନେତାମାନେ ଶେରଗଡ଼କୁ ସଦାସର୍ବଦା ଉପେକ୍ଷିତ ଓ ଅବହେଳିତ କରି ଆସୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ଭଞ୍ଜନଗର, ୧୯ ।୮ (ସମିସ): ଘୁମୁସର ଫୋଟଗ୍ରାଫର ଆସୋସିଏସନ, ଭଞ୍ଜନଗର ପକ୍ଷରୁ ବିଶ୍ୱ ଫୋଟଗ୍ରାଫି ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରଥମେ ଲଣ୍ଡେଇ ସାହି ଶ୍ରୀରାମ ମନ୍ଦିରରେ ଚାରାରୋପଣ କରାଯାଇଥିଲା। ଏହାପରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ରଞ୍ଜିତ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଲାଲ ସିଂ ସରପଞ୍ଚ ଶିବରାମ ସାହୁ ଓ ଆଦର୍ଶ କିରାଣି ସଂଘ ସଭାପତି ଗୌରୀ ଶଙ୍କର ପାତ୍ର ଯୋଗ ଦେଇଥିଲେ। ସାମ୍ବାଦିକ ତଥା ଜିପିଏ ସଭାପତି ଜୟକୃଷ୍ଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି




ଅବସରରେ ଭଞ୍ଜନଗର ସହରର ବରିଷ୍ଠ ଫୋଟଗ୍ରାଫର ଅଶୋକ କୁମାର ପଟେଲ (ବାଲିଆ)ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉପଦେଷ୍ଟା ବିରଞ୍ଚି ପ୍ରସାଦ ମିଶ୍ର, ଦର୍ପ ନାରାୟଣ ଜେନା, ସାଗର ବେହେରା, ପ୍ରଣୟ ରଞ୍ଜନ ବେହେରା, ସୁକାନ୍ତ ମହାନ୍ତି, ସଂଗ୍ରାମ ସ୍ୱାଇଁ, ଆନନ୍ଦ ମିଶ୍ର, ଅନୀଲ ବିଷୋୟୀ, ସୁଶାନ୍ତ ନାୟକ, ପ୍ରେମ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

